# ପଟ୍ଟାମୁଣ୍ଡାଇ, ରାଜନଗରରୁ ଶ୍ରମିକ ନେଲା ବାହାର ରାଜ୍ୟ ବସ୍

■ ପରିବାର ସହ କେରଳ, ତାମିଲନାଡୁ, କର୍ଣ୍ଣାଟକ ରାଜ୍ୟମୁହାଁ
■ ଗାଁରେ ରୋଜଗାର ମିଳୁ ନ ଥିବା ଅଭିଯୋଗ


ପଟ୍ଟାମୁଣ୍ଡାଇରେ କେରଳ ବସ୍ ।

ପଟ୍ଟାମୁଣ୍ଡାଇ, ୨।୯ (କଳ୍ପତରୁ ନାୟକ)

ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ଏବେ କାମଧନ୍ଦା ଅଭାବରୁ ପ୍ରତିଦିନ ଶ୍ରମିକ ବାହାର ରାଜ୍ୟମୁହାଁ ହେବାରେ ଲାଗିଛନ୍ତି। ଏଥିପାଇଁ ବିଭିନ୍ନ ରାଜ୍ୟରୁ ବସ୍ ଆସି ପଟ୍ଟାମୁଣ୍ଡାଇ, ରାଜନଗର ଅଞ୍ଚଳରେ ଡେରା ପକାଇଛନ୍ତି। ଚାଷ ପ୍ରତି ବିମୁଖ ବର୍ତ୍ତମାନର ଯୁବପିଢ଼ିଙ୍କୁ ଏଠାରେ ବର୍ଷସାରା କିଛି କାମଧନ୍ଦା ମିଳୁନି। ଏ ନେଇ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଯୁବତୀ ଯୁବକ ଏବେ ସୁଦୂର କେରଳ, ତାମିଲନାଡୁ, କର୍ଣ୍ଣାଟକ ଭଳି ରାଜ୍ୟକୁ ଦାଦନ ଖଟି ଯିବାକୁ ବାଧ୍ୟ ହେଉଛନ୍ତି।

ସାମାଜିକ କର୍ମୀ ଶଶିକାନ୍ତ ସ୍ୱାଇଁ କହିଛନ୍ତି, ପଟ୍ଟାମୁଣ୍ଡାଇ-ରାଜନଗର ଅଞ୍ଚଳର ଶତାଧିକ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କେରଳ ଓ ତାମିଲନାଡୁ କାରଖାନା ମାଲିକମାନେ ସେଠାରୁ ବସ୍ ପଠାଇ ଦଲାଲଙ୍କ ମାଧ୍ୟମରେ ଶ୍ରମିକଙ୍କୁ ନେଉଛନ୍ତି। ଓଡ଼ିଶାରେ ଉତ୍ପାଦିତ ଖଣିଜ ପଦାର୍ଥରୁ ୫୦ ହଜାର କୋଟି ଟଙ୍କାର ରୟାଲ୍‌ଟି ମିଳୁଛି ବୋଲି ସିଏଜି ଜାରି କରିଥିବା ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟ ଉନ୍ନତି ପଥରେ ବୋଲି ସରକାର କହୁଛନ୍ତି। ମାତ୍ର ଏଠାରେ ରାଜ୍ୟ ସରକାର ଅର୍ଥନୀତିର ସୁପରିଚାଳନାର ଅଭାବ, ସ୍ଥାନୀୟ ସମସ୍ୟା ପ୍ରତି ସରକାରଙ୍କ ଦୂରଦୃଷ୍ଟିର ଅଭାବ, ପ୍ରାକୃତିକ ସମ୍ପଦର ସୁବିନିଯୋଗରେ ତ୍ରୁଟି, ଆଞ୍ଚଳିକସ୍ତରରେ ଦାରିଦ୍ର୍ୟ ପରିଚାଳନାର ଅଭାବ, ସ୍ଥାନୀୟ ପ୍ରଶାସନର ଅମନଯୋଗିତା, ଯୋଜନା ବଣ୍ଟନରେ ଭାରସାମ୍ୟର ଅଭାବ, ଦୁର୍ନୀତି ଆଦି କାରଣ ଯୋଗୁ ଏହି ଅଞ୍ଚଳରେ ଦାଦନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପେଟ ଚାଖଣ୍ଡକ ପାଇଁ କୋମଳ ଶିଶୁର ମୁହଁକୁ ଦୂରେଇ ଦୂରଦୂରାନ୍ତକୁ ଖଟିବାକୁ ଯାଉଛନ୍ତି। ଆଇନଜୀବୀ ଭବାନୀ ପଣ୍ଡା କହିଛନ୍ତି, ଆନ୍ତଃ ରାଜ୍ୟ ଶ୍ରମିକ ଚାଲାଣ (ନିୟନ୍ତ୍ରଣ) ଆଇନ-୧୯୭୯ କାର୍ଯ୍ୟକାରୀ ହେଲା ସତ, ଏହା ଯୋଗୁ ଦାଦନ ପରି କୁତ୍ସିତ ସମସ୍ୟାକୁ ରୋକାଯାଇପାରିଲା ନାହିଁ ବରଂ ସରକାରୀ ସ୍ୱୀକୃତ ଭାବେ ଏହା ଅବାଧରେ ଚାଲୁଛି। ୧୮୪୮ରେ କାର୍ଲ ମାର୍କ୍ସ ଓ ଫ୍ରେଡ୍‌ରିକ ଏଙ୍ଗେଲ୍‌ସଙ୍କ ଅମର ଗ୍ରନ୍ଥ 'କମ୍ୟୁନିଷ୍ଟ ଇସ୍ତାହାର' ପ୍ରକାଶନ ପୂର୍ବରୁ ମାର୍କ୍ସ କହିଥିଲେ, ଯଦି ସମାଜରେ ସମସ୍ତେ ସମାନ ଭାବେ ରହିପାରିବେ ନାହିଁ, ସମସ୍ତଙ୍କୁ ଅର୍ଥନୈତିକ ସମାନତା ପ୍ରଦାନ କରାଯାଇପାରିବ ନାହିଁ, ତେବେ ସେହି ସମାଜର ଅଗ୍ରଗତି ସମ୍ଭବ ନୁହେଁ। ଯଦି ସରକାର ଗରିବଙ୍କ ସ୍ୱାର୍ଥ ରକ୍ଷା କରିବାରେ ବିଫଳ ତେବେ ସେହି ସରକାର ଏକ ପ୍ରଗତିଶୀଳ ସରକାର ହୋଇପାରିବ ନାହିଁ। ବୁଦ୍ଧିଜୀବୀ ଅନନ୍ତ ଦାଶ କହିଛନ୍ତି, କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ପଟ୍ଟାମୁଣ୍ଡାଇରେ କୃଷିକ୍ଷେତ୍ର ପଡ଼ିଆ ପଡୁଛି। ଜିଲାରେ ଖଣି ଓ ଶିଳ୍ପ ନାହିଁ। ପ୍ରାୟ ୨୨ ହଜାରରୁ ଅଧିକ ଗ୍ରାଜୁଏଟ୍ ଓ ବୈଷୟିକ ଜ୍ଞାନଧାରୀ ଜିଲା କର୍ମ ନିୟୋଜନ ବିଭାଗରେ ନିଜର ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ନିଯୁକ୍ତି ନାହିଁ। ଗରିବ ଲୋକମାନଙ୍କୁ ବ୍ୟାଙ୍କରୁ ମଧ୍ୟ ସହାୟତା ମିଳୁନାହିଁ। ସରକାରଙ୍କ ଅନେକ ଯୋଜନା ରହିଥିଲେ ମଧ୍ୟ ତାହା କେବଳ କାଗଜକଲମରେ ରହିଛି। ଫଳରେ ଯୋଜନା ତିଆରି ହୁଏ, ଅର୍ଥ ଆସେ, ଏହାର ବିନିଯୋଗ ପତ୍ର ଦାଖଲ ହୁଏ, ମାତ୍ର ଲୋକମାନେ ଏ ସମ୍ପର୍କରେ ଜାଣିପାରନ୍ତି ନାହିଁ। ଫଳ ଏହା ହୁଏ ଯେ, ସରକାରଙ୍କ କୋଟି କୋଟି ଟଙ୍କାର ଯୋଜନା ବାଟବଣା ହୁଏ। ଜୀବନଧାରଣ ଓ ପରିବାର ପୋଷଣ ପାଇଁ ଯୁବବର୍ଗଙ୍କୁ ବାହାରକୁ ଯିବାକୁ ପଡୁଛି। ଶୁକ୍ରବାର କେରଳ ବସ୍‌ରେ ଚଢ଼ୁଥିବା ବେଳେ ପଟ୍ଟାମୁଣ୍ଡାଇର ସିଦ୍ଧାନ୍ତ ମଲିକ, ଲିଟନ ମଲିକ, ପ୍ରହଲ୍ଲାଦ ସେଠୀ, ଉମାକାନ୍ତ ଦାସଙ୍କ ସମେତ ବହୁ ଯୁବତୀଯୁବକ ମନର କଥା କହିଛନ୍ତି, ରାଜ୍ୟରେ ରହିଥିବା ବିପୁଳ ଖଣିଜ ସମ୍ପଦ, ବିଶାଳ ଜଙ୍ଗଲ ଓ ସମୁଦ୍ରକୂଳ ସହ ବୃହତ୍ ଲୋକଶକ୍ତି ଅଛି। ବସ୍ତ୍ର, କୃଷି, ପାରମ୍ପରିକ ଶିଳ୍ପର ବିକାଶକୁ ଦୃଷ୍ଟି ଦିଆଯାଉନି। ଓଡ଼ିଶାର ଲୁହାପଥର, କୋଇଲା, ମାଙ୍ଗାନିଜ୍, ବକ୍ସାଇଟ୍ ଖୋଳି ବିକ୍ରି କରାଯାଉଛି। ମାତ୍ର ଏହାକୁ ବ୍ୟବହାର କରି ଜିନିଷ ପ୍ରସ୍ତୁତି ନିମନ୍ତେ ଶିଳ୍ପ କରାଯାଉନାହିଁ। କେବଳ ନିର୍ବାଚନ ଆସିଲେ ଶିଳ୍ପପତିମାନଙ୍କ ପାଖକୁ ଦୌଡ଼ି ଯାଉଛନ୍ତି। ଓଡ଼ିଶାର ବେକାର ଯୁବତୀଯୁବକ ନିଯୁକ୍ତି ପାଇଲେ ଗରିବ ସମସ୍ୟା ସମାଧାନ ହୋଇପାରନ୍ତା। ହେଲେ ଓଲଟା ଟଙ୍କିଆ ଚାଉଳ ହିତାଧିକାରୀଙ୍କ ସଂଖ୍ୟା ବଢ଼ୁଛି। ସରକାର ଏ ବାବଦରେ ନାଁ ନେବାକୁ ଚେଷ୍ଟା କରୁଛନ୍ତି। ଓଡ଼ିଶା ଧନୀ ହେଉଛି ବୋଲି କୁହାଯାଉଛି। ହେଲେ ଓଡ଼ିଆ ଗରିବ ହୋଇଚାଲିଛି ଓ ଦାଦନ ସଂଖ୍ୟା ବଢ଼ିଚାଲିଛି। ଓଡ଼ିଆ ଶିକ୍ଷିତ, ବେକାର ଓ ଦାଦନ ଶ୍ରମିକଙ୍କ ଉପରେ ମାନସିକ ଚାପ ବଢ଼ି ବଢ଼ି ଚାଲିଛି। ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ଆମେ ଦାଦନ ଖଟିବାକୁ ଯାଉଛୁ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଡିଭିଜନାଲ ଲେବର କମିଶନର ପ୍ରଦୀପ ମହାନ୍ତିଙ୍କୁ ପଚାରିବାରେ ବାହାର ରାଜ୍ୟରୁ ବସ୍ ଆସି ଶ୍ରମିକ ନେବା ଅପରାଧ। ସ୍ଥାନୀୟ ପୋଲିସ ଚାହିଁଲେ ଦଲାଲ ଓ ବସ୍ ଆଣିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି ପାରିବ ବୋଲି ସେ କହିଛନ୍ତି।

# ଗର୍ଜିଲେ ବଙ୍ଗୀୟ: ଆମକୁ ସ୍ଥାୟୀ ଜମି ପଟ୍ଟା ଦିଅ


ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ଦାବିରେ ୩ ଦିନିଆ ଗଣଧାରଣା ନେତା ଓ ବ୍ୟକ୍ତିମାନେ।

ମହାକାଳପଡ଼ା, ୨।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ ଆଗାମୀଦିନରେ ଜୋର୍‌ଦାର ଲଢ଼େଇ ହେବ
■ ୩ଦିନର ଗଣଧାରଣାରେ ଯୋଗଦେଲେ ଜିଲା, ରାଜ୍ୟସ୍ତରୀୟ ନେତୃମଣ୍ଡଳୀ
■ ବଟୀଘର , ଖରିନାସୀ, ରାମନଗରବାସୀ ସାମିଲ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବଟୀଘର, ଖରିନାସୀ ଓ ରାମନଗର ପଞ୍ଚାୟତର ବଙ୍ଗୀୟ ଶରଣାର୍ଥୀ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ଦାବିରେ ୩ ଦିନିଆ ଗଣଧାରଣା ଶନିବାର ଶେଷ ହୋଇଛି। ସେମାନଙ୍କ ଅଭିଯୋଗ, ହେଲା ସରକାରଙ୍କ ପକ୍ଷରୁ ୧୯୭୬ରେ ପ୍ରଦାନ କରାଯାଇଥିବା କେ' ଫର୍ମ ପଟ୍ଟାରେ ଜଙ୍ଗଲ କିସମ ଥିବାରୁ ବିଭିନ୍ନ ସମସ୍ୟା ଉପୁଜିଛି। ପରେ ରାଜସ୍ୱ ବିଭାଗ ପକ୍ଷରୁ ୨୦୧୨ରେ ପାଉତି କାଟିବା ରୋକ୍ ଲଗାଇ ଥିଲା। ଫଳରେ ଏମାନଙ୍କୁ ଜମି ପଟ୍ଟା ପ୍ରଦାନରେ ଷଡ଼ଯନ୍ତ୍ର କରଯାଇଥିବା ଗୁରୁତର ଅଭିଯୋଗ ଉପସ୍ଥିତ ଅତିଥିମାନେ କରିଛନ୍ତି। ଏହି ଗଣଧାରଣାରେ ତରୁଣକାନ୍ତ କାଞ୍ଜିଲାଲ ନେତୃତ୍ୱରେ ନେଇଥିବା ବେଳେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ମା' ରାମଚଣ୍ଡୀ କୃଷକ କଲ୍ୟାଣ ସମିତି ଓ ନିଖିଲ ଭାରତ ବଙ୍ଗୀୟ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ କରାଯାଇଛି। ଏହି ଗଣଧାରଣାରେ ବିଭିନ୍ନ ରାଜନୈତିକ ଦଳର ତଥା ଭାଜପା, କଂଗ୍ରେସ, ସିପିଆଇ, ସିପିଆଇଏମଙ୍କ ସମେତ ବିଭିନ୍ନ ସାମାଜିକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଗଣଧାରଣାରେ ଜିଲା ଓ ରାଜ୍ୟସ୍ତରୀୟ ନେତୃମଣ୍ଡଳୀମାନଙ୍କ ମଧ୍ୟରେ ମାଲକାନଗିରି ପୂର୍ବତନ ବିଧାୟକ ତଥା ନିଖିଲ ଭାରତ ବଙ୍ଗୀୟ ସମିତି ସଭାପତି ନିମାଇଁ ସରକାର ଯୋଗଦେଇ ରାଜ୍ୟ ସରକାରଙ୍କ ଜମି ପଟ୍ଟା ପ୍ରଦାନରେ ଟାଳଟୁଳ ନୀତିକୁ ସମାଲୋଚନା କରିଥିଲେ। ଆମ ବଙ୍ଗୀୟ ଲୋକମାନେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଲଢେଇ କରିବା ପାଇଁ ଆହ୍ୱାନ ଦେବା ସହ ସାଣିତ ଭାଷଣ ଦେଇଥିଲେ। ଜମି ସଂଶୋଧନ କରି ପଟ୍ଟା ପ୍ରଦାନ କରିବା ପାଇଁ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସ୍ଥାୟୀ ଜମି ପଟ୍ଟା ନ ମିଳିବା ପର୍ଯ୍ୟନ୍ତ ବଙ୍ଗୀୟ ବ୍ୟକ୍ତିମାନେ ଚୁପ୍ ହୋଇ ରହିବେ ନାହିଁ ବୋଲି ସରକାର କହିଥିଲେ। ସେହିପରି ବଙ୍ଗୀୟ ସମିତି ଉପସଭାପତି ସିପ୍ରା ହୀରା ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଓବିସି ମୋର୍ଚ୍ଚା ସଂଯୋଜକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜଗତ୍‌ସିଂହପୁର ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ , ଗୟାଧର ଧଳ , ରମଣୀ ରଞ୍ଜନ ରାଉତରାୟ, ନାରୀ ନେତ୍ରୀ ଜାନକୀ ପ୍ରଧାନ, ଭାଜପା ପ୍ରବକ୍ତା ତଥା ପ୍ରାକ୍ତନ ଇପିଏଫ୍ କମଶନର ସଞ୍ଜୟ ରଥ ପ୍ରମୁଖ ଯୋଗଦେଇ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଗଣଧାରଣା ଶେଷ ହେବା ପରେ ନେତୃମଣ୍ଡଳୀ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ଭେଟି ୭ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରିଥିଲେ। ତହସିଲଦାର ତ୍ରିପାଠୀ ଏହି ଦାବିପତ୍ରକୁ ଉପରିସ୍ଥ ଅଧିକାରୀଙ୍କ ପାଖକୁ ପଠାଇ ଦେଇଛନ୍ତି। ଏହି ଗଣଧାରଣାରେ ବଟୀଘର, ଖରିନାଶି ଓ ରାମନଗର ପଞ୍ଚାୟତର ମହିଳାପୁରୁଷ, ମୁରବୀ, ସାମାଜିକ କର୍ମୀ, ବୁଦ୍ଧିଜୀବି, ମତ୍ସ୍ୟଜୀବୀ, ଶ୍ରମିକ, ବ୍ୟବସାୟୀମାନେ ଯୋଗ ଦେଇଥିଲେ।

# ମହିଳାଙ୍କୁ ଅଶାଳୀନ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ବିଧାୟକ

କୁଜଙ୍ଗ, ୨।୯ (ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନ ମଣ୍ଡଳୀ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ଗ୍ରାମରେ ଶୁକ୍ରବାର ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ବଟମହାପୁରୁଷ ପୀଠର ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କରିବାକୁ ଯାଇଥିଲେ। ଏହି ସମୟରେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଜେଡିର ନାରୀନେତ୍ରୀ କାଞ୍ଚନବାଳା ସ୍ୱାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କେତେଜଣ ସଦସ୍ୟାଙ୍କ ସହ ବଟ ମହାପୁରୁଷ ପୀଠରେ ପହଞ୍ଚି ଉନ୍ନତୀକରଣ କାର୍ଯ୍ୟ ଠିକାଦାରଙ୍କ ବଦଳରେ ମଠ କମିଟି ଦ୍ୱାରା କରିବାକୁ ଦାବି କରିଥିଲେ। ସ୍ୱାଇଁ କହିଥିଲେ, ମଠ ଚତୁଃପାର୍ଶ୍ୱରେ ପାଚେରି କରିବା ପାଇଁ କମିଟି ତରଫରୁ ୫-ଟି ସଚିବଙ୍କୁ ଦରଖାସ୍ତ ଦିଆଯାଇଥିଲା । ସେହି ଆଧାରରେ ୧୭ଲକ୍ଷ ଟଙ୍କା ଅନୁଦାନ ଆସିଛି। ତେଣୁ ଠାକୁରଙ୍କ ପୀଠର କାମ କୌଣସି ଠକଙ୍କ ଦ୍ୱାରା କର ନ ଯାଉ ବୋଲି ସେ ଦାବି କରିଥିଲେ। ଏହି ସମୟରେ ବିଧାୟକ ରାଉତରାୟ ରାଗିଯାଇ 'ମଠ କ'ଣ ତୋ ବୋପା ସମ୍ପତ୍ତି' ବୋଲି କହିବାର ଭିଡିଓ ଏବେ ଭାଇରାଲ ହେଉଛି। ଅଖିଳ ଭାରତ କୃଷକ ସଭାର ଜଗତ୍‌ସିଂହପୁର ଜିଲା ସଭାପତି ଶ୍ରୀନିବାସ କୁଆର ସିଂହ ଏହାକୁ ନିନ୍ଦା କରିଛନ୍ତି। ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ ସମ୍ପର୍କରେ ସ୍ୱାଇଁ ଥାନାରେ ଓ ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଏନେଇ ବିଧାୟକ ସମ୍ବିତ ରାଉତରାୟଙ୍କୁ ପଚରାଯିବାରୁ ସେ କହିଛନ୍ତି, ବାରମ୍ବାର କାମ ସମ୍ପର୍କରେ କହିବାରୁ ନିଜର ଲୋକଭାବି କାଞ୍ଚନଙ୍କୁ ଏଭଳି କଥା କହିଦେଇଛନ୍ତି। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବାରୁ ସେ ଜାଣିବାକୁ ପାଇଛନ୍ତି, ଜଣେ ଅଳଙ୍କାର ବ୍ୟବସାୟୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କିଛି ବର୍ଷ ଭିତରେ ପଞ୍ଚାୟତରେ ଅନେକ କାମ କରିଛନ୍ତି। ମାତ୍ର ସେସବୁ ନିମ୍ନମାନର। ଅଳଙ୍କାର ବ୍ୟବସାୟୀଙ୍କ ଉପରେ ରାଗ ଶୁଝାଇବାକୁ ଯାଇ କାଞ୍ଚନ ରାଗି କରି ଏଭଳି କରିଥିବା ବିଧାୟକ ରାଉତରାୟ ପ୍ରକାଶ କରିଛନ୍ତି।

# ସାପ କାମୁଡ଼ାରେ ଚାଷୀ ମୃତ

ଯାଜପୁର ଟାଉନ, ୨।୯
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ପଞ୍ଚାୟତ କଚେରି ଗ୍ରାମର ଚାଷୀ ଭାସ୍କର ମହାନ୍ତି (୬୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଶୁକ୍ରବାର ଅପରାହ୍ନ ୩ଟାରେ ଭାସ୍କର ବିଲକୁ ଯାଇଥିବାବେଳେ ସେଠାରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ନିକିତା


@ କାଇରା


@ ଜ୍ଞାନରଞ୍ଜନ


@ ପ୍ରଶାନ୍ତ


@ ଏସ୍.କେ. ରହିମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ଦ୍ଦେଶର ୯ ମାସ ପରେ ବି ମିଳିଲାନି କ୍ଷତିପୂରଣ

## ମେଣ୍ଟ ଶିଶୁ ନିର୍ଯାତନା ଘଟଣା

ଯାଜପୁର, ୨।୯ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଗୋଳକୁଣ୍ଡ ପଞ୍ଚାୟତ ମେଣ୍ଟ ଗ୍ରାମର ୨ ଶିଶୁ ଶ୍ରମିକଙ୍କୁ ମାଲିକଙ୍କ ନିର୍ଯାତନା ମାମଲାରେ ଶ୍ରମ ବିଭାଗର କ୍ଷତିପୂରଣ ନିର୍ଦ୍ଦେଶ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ଏହା ଶିଶୁ ଶ୍ରମିକ ଆଇନର ଉଲ୍ଲଂଘନ ହୋଇଛି ବୋଲି ମତପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ୨ ଶିଶୁ ଶ୍ରମିକ ଘୁଷୁରି ଜଗାରଖା କରୁଥିବା ସମୟରେ ସେମାନଙ୍କୁ ମାଲିକ ବେଣୁଧର ଗେଡ଼ି ଓ ପ୍ରତାପ ଗେଡ଼ି ଅକଥନୀୟ ନିର୍ଯାତନା ଦେଉଥିଲେ। ସେମାନେ ଜୀବନ ବିକଳରେ ରାତିଅଧିଆ ଲୁଚି ପଳାଉଥିବାବେଳେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ୨୩।୪।୨୦୨୨ରେ ସେମାନଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡାଙ୍କ ସହିତ ବରୀ ଥାନାରେ ଶିଶୁଙ୍କ ସର୍ବୋତ୍ତମ ମଙ୍ଗଳ ନିମନ୍ତେ ଲିଖିତ ଅଭିଯୋଗ କରିଥିଲେ। ୨ ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶରେ ଯାଜପୁର ଟାଉନସ୍ଥିତ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଥିଲା। ଏହାସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସେମାନେ କିଛିଦିନ ପରେ ଜାମିନ ଆସିଥିବାବେଳେ ମାମଲା ଏବେ ବିଚାରାଧୀନ ରହିଛି। ମାତ୍ର ଶିଶୁ ଦୁହିଁଙ୍କର ଉତ୍ତମ ଭବିଷ୍ୟତ ପାଇଁ ଶ୍ରମ ବିଭାଗ ପକ୍ଷରୁ ଯେଉଁସବୁ ପଦକ୍ଷେପ ନେବା କଥା ତାହା ନୈରାଶ୍ୟଜନକ ରହିଥିଲା। ଏନେଇ ମଣ୍ଟୁ ଦାସ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ କରିବାକୁ ଆବେଦନ କରିଥିଲେ। ଏହାକୁ ଏନ୍‌ଏଚ୍‌ଆର୍‌ସି ଗ୍ରହଣ କରି ଯାଜପୁର ଜିଲାପାଳଙ୍କୁ ଉପଯୁକ୍ତ ପଦକ୍ଷେପ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଶ୍ରମ ବିଭାଗ ପକ୍ଷରୁ ଅଭିଯୁକ୍ତମାନଙ୍କୁ ୮।୧୨।୨୦୨୨ ସୁଦ୍ଧା ଶିଶୁମାନଙ୍କ ଥଇଥାନ ପାଇଁ ୨୦ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ଏହି ନିର୍ଦ୍ଦେଶର ୯ ମାସ ପରେ ମଧ୍ୟ ଅଭିଯୁକ୍ତ ଘୁଷୁରି ମାଲିକଦ୍ୱୟ ଏଯାବତ କ୍ଷତିପୂରଣ ଅର୍ଥ ଶିଶୁଙ୍କ ସଞ୍ଚୟ ଖାତାରେ ଜମା କରି ନ ଥିବା ଜଣାପଡ଼ିଛି।

# ଠିକାଦାରଙ୍କୁ ନିର୍ବାହୀ ଯନ୍ତ୍ରୀଙ୍କ ଜବାବ ତଲବ


ଅସମ୍ପୂର୍ଣ୍ଣ ଖାଲପଡ଼ା-ବ୍ରହ୍ମବରଦା ରୋଡ୍ ।

## ଖାଲପଡ଼ା-ବ୍ରହ୍ମବରଦା ବ୍ରିଜ୍ କାମ ସରୁନି

■ ଜମି ବିବାଦ ସମାଧାନ ସତ୍ତ୍ୱେ କାର୍ଯ୍ୟ ଆରମ୍ଭ ହେଉନି

ଯାଜପୁର, ୨।୯ (ହର୍ଷବର୍ଦ୍ଧନ ବେହେରା)

ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରି ଅଞ୍ଚଳର ବିକାଶ ପ୍ରକ୍ରିୟାରେ ସନ୍ତୁଳନ ରକ୍ଷା କରିବା ପାଇଁ ବିଭିନ୍ନ ନଦୀନାଳ ଉପରେ ସେତୁ ନିର୍ମାଣ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ବିପୁଳ ଅର୍ଥ ବ୍ୟୟବରାଦ କରୁଛନ୍ତି। କାର୍ଯ୍ୟରେ ସ୍ୱଚ୍ଛତା ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ ସାମର୍ଥ୍ୟ ବୋଲି ଜିଲାବାସୀଙ୍କ ବିଶ୍ୱାସ ରହିଛି। ଏହାକୁ ଅଧିକ ବଳବତ୍ତର କରିବାକୁ ମୁଖ୍ୟମନ୍ତ୍ରୀ ୫-ଟି ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। କିନ୍ତୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ରେ ଏହାର ଓଲଟା ଦେଖିବାକୁ ମିଳିଛି। ଏହି ଡିଭିଜନରେ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଓ ଆନ୍ତରିକତାର ଅଭାବ ଯୋଗୁ ପ୍ରକଳ୍ପଗୁଡିକ ଠିକ୍ ସମୟରେ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ତାହା ଲକ୍ଷ୍ୟଭ୍ରଷ୍ଟ ହେବାରେ ଲାଗିଛି। ଏଠାରେ ଯାଜପୁର ବ୍ଲକ ଖାଲପଡ଼ା-ବ୍ରହ୍ମବରଦାକୁ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀ ଉପରେ ବ୍ରିଜ କାର୍ଯ୍ୟର ଅଗ୍ରଗତି ରିପୋର୍ଟକୁ ଅବଲୋକନ କଲେ ତାହା ଜଳଜଳ ହୋଇ ଦିଶୁଛି। ଏନେଇ ଗତ ୧୪ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ୧।୯।୨୦୨୩ରେ ସମ୍ପୃକ୍ତ ଠିକାଦାର କଟକ ମୈତ୍ରୀବିହାର ଅଞ୍ଚଳର ପ୍ରହ୍ଲାଦ ମହାରଣା ଏବଂ ସାଥୀଙ୍କୁ ପୁଣି ଜବାବ ତଲବ କରିଛନ୍ତି। ତେବେ ବିଭିନ୍ନ ସମୟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ବ୍ରିଜ୍‌କୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଥିବାବେଳେ ବିଭାଗୀୟ ଅଧିକାରୀ ଠିକାଦାରଙ୍କୁ ଜବାବ ତଲବ କରି ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି ବୋଲି ମତପ୍ରକାଶ ପାଇଛି।

ଗମନାଗମନରେ ଯେଉଁ ଅଞ୍ଚଳ ଯେତେ ସୁଦୃଢ଼ ସେହି ଅଞ୍ଚଳ ସେହି ଅନୁପାତରେ ବିକଶିତ ବୋଲି ବିଶ୍ୱାସ ରହିଛି। କିନ୍ତୁ ଖାଲପଡ଼ା-ବ୍ରହ୍ମବରଦା ବ୍ରିଜ କାର୍ଯ୍ୟର ଅଗ୍ରଗତିକୁ ଦେଖିଲେ ଏହି ବିଶ୍ୱାସ ପରାହତ ହେଉଥିବା ମତପ୍ରକାଶ ପାଇଛି। ବ୍ରାହ୍ମଣୀ ନଦୀ ଉପରେ ଖାଲପଡା-ବ୍ରହ୍ମବରଦା ରାସ୍ତାର ବିଜୁ ସେତୁ ଯୋଜନା ୧୨।୭।୨୦୧୮ରେ ଆରମ୍ଭ ହୋଇ ୧୧।୭।୨୦୧୯ରେ ଶେଷ କରିବାକୁ ଠିକାଦାର ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗ ମଧ୍ୟରେ ଚୁକ୍ତି ହୋଇଥିଲା। କିନ୍ତୁ ନିର୍ଦ୍ଧାରିତ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଅନୁଦାନ ଅର୍ଥର ୮୫% କାର୍ଯ୍ୟରେ ସୀମିତ ରହିଛି। ଏହାବାଦ୍ ବ୍ରିଜ ପାର୍ଶ୍ୱରେ ଯେଉଁ ଜମି ବିବାଦ ରହିଥିଲା ତାହାର ମଧ୍ୟ ସମାଧାନ ପ୍ରାୟ ୪ ମାସ ତଳେ ହୋଇସାରିଛି। କିନ୍ତୁ ଠିକାଦାର ଜଣକ କାର୍ଯ୍ୟ ଆରମ୍ଭ କରିନାହାନ୍ତି। ବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବର୍ଷାଦିନେ ରୁଦ୍ରପୁର, ଖାଲପଡ଼ା, ମେଣ୍ଟ, ସୁଜନପୁର ପ୍ରଭୃତି ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରୁଦ୍ରପୁର ଓ ଖାଲପଡ଼ା ପଞ୍ଚାୟତବାସୀ ପ୍ରତିଦିନ ଡଙ୍ଗା ପାର ହୋଇ ନିଜ ଜୀବନକୁ ବାଜି ଲଗାଇ ଯାତାୟାତ କରିଥାନ୍ତି। ଏହି କ୍ରମରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକ ତାଙ୍କ ପତ୍ରସଂଖ୍ୟା ୪୫୦୩/୧।୯।୨୦୨୩ରେ ସମ୍ପୃକ୍ତ ଠିକାଦାରଙ୍କୁ ଏଥିପାଇଁ ଦାୟୀ କରିବା ସହ ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ଚୁକ୍ତି ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ମନ୍ଦିରକୁ ବଜ୍ରପାତ ଭୟ

- ବାରମ୍ବାର ବିଭିନ୍ନ ମନ୍ଦିରର ଦଧିନଉତି ଭାଙ୍ଗୁଛି
- ଏକ ହଜାରରୁ ଊର୍ଦ୍ଧ୍ୱ ମନ୍ଦିରରେ ନାହିଁ ବଜ୍ରପାତ ପ୍ରତିରୋଧକ ବ୍ୟବସ୍ଥା
- ଲଗାଯାଉନି ଲାଇଟ ଆରେଷ୍ଟର ଓ ଡବଲ ଆର୍ଥିଂ
- ନୟାଗଡ଼ ଜଗନ୍ନାଥ ମନ୍ଦିର ଅଁଳାବେଢ଼ା ନଷ୍ଟ ପରେ ବି ପଶିଲାନି ଚେତା
- ଅଘଟଣ ଘଟିଲେ ପ୍ରଶାସନର ମନେପଡ଼େ ନିରାକରଣ

ନୟାଗଡ଼,୨।୯(ଲୋକନାଥ ମିଶ୍ର)

ମନ୍ଦିରକୁ ବଜ୍ରପାତ ଭୟ। ନୟାଗଡ଼ ଜିଲାର ଦେବୋତ୍ତର ବିଭାଗ, ଏଣ୍ଡାଓମେଣ୍ଟ କମିଶନଙ୍କ ଅଧୀନରେ ଥିବା ମନ୍ଦିର, ବେସରକାରୀ ମନ୍ଦିର ପରି ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ମନ୍ଦିରରେ ଲାଇଟ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ମନ୍ଦିରକୁ ବଜ୍ରପାତ ଭୟ ରହୁଛି। ବଜ୍ରପାତ ପ୍ରଭାବରେ ବିଭିନ୍ନ ସମୟରେ ମନ୍ଦିରର ଦଧିନଉତି ଓ ମନ୍ଦିର ଭାଙ୍ଗି ନଷ୍ଟ ହେଉଛି। ଦେବୋତ୍ତର ବିଭାଗ ଅଧୀନରେ ଥିବା ଶରଣକୁଳ ଲଡୁବାବା ମନ୍ଦିର, ଓଡ଼ଗାଁର ରଘୁନାଥ ମନ୍ଦିର ପରି ୨୧ ମନ୍ଦିରରୁ ୨୦ ମନ୍ଦିରରେ ଲାଇଟ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା ନାହିଁ। ଏଣୁ ବଜ୍ରପାତ ସମୟରେ ମନ୍ଦିର ନିରାପଦ ନୁହେଁ। ୧୨ବର୍ଷ ତଳେ ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରରେ ବଜ୍ରପାତ ହେବା ପରେ ଏହାର ଅଁଳାବେଢ଼ା ଭାଙ୍ଗି ଯାଇଥିଲା। ଏହା ପରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କେବଳ ଜଗନ୍ନାଥ ମନ୍ଦିରର ଲାଇଟ ଆରେଷ୍ଟର ଓ ଡବଲ ଆର୍ଥିଂ କରାଯାଇଥିଲା। ଅନ୍ୟପକ୍ଷେ ସବୁ ଦେବୋତ୍ତର ବିଭାଗର ମନ୍ଦିରରେ ଲାଇଟ ଆରେଷ୍ଟର ଓ ଡବଲ ଆର୍ଥିଂ କରାଯିବ ବୋଲି ତତ୍କାଳୀନ ଉପଜିଲାପାଳ ମାନସ ରଞ୍ଜନ ଦେବତା କହିଥିଲେ ହେଁ ୧୨ବର୍ଷ ପରେ ବି ତାଙ୍କ ନିର୍ଦ୍ଦେଶ ଶୀତଳଭଣ୍ଡାରରେ ରହି ଯାଇଛି। ସେହିପରି ୨୦୨୨ ନୟାଗଡ଼ ପୁରୁଣା ସହରର ରଥଯାତ୍ରା ପ୍ରସ୍ତୁତି ବୈଠକରେ ଦେବୋତ୍ତର ବିଭାଗର ଅଧୀନରେ ଥିବା ମନ୍ଦିରଗୁଡ଼ିକରେ ବଜ୍ରପାତ ପ୍ରତିରୋଧକ ବ୍ୟବସ୍ଥା କରାଯିବାକୁ ତତ୍କାଳୀନ ଉପଜିଲାପାଳ ଲମ୍ବୋଦର୍ଜିତ୍ ରାଉତ ନିର୍ଦ୍ଦେଶ ଦେଇଥିଲେ। ଶରଣକୁଳ ଲଡୁବାବା ମନ୍ଦିର, ଓଡଗାଁର ରଘୁନାଥ ମନ୍ଦିର ପରି ୨୦ ମନ୍ଦିରରେ ଲାଇଟ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା କରିବାକୁ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖିବାକୁ ଦେବୋତ୍ତର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ୨ ଜଣ ଉପଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ପାରିନାହିଁ। ଉପଜିଲାପାଳଙ୍କ ବଦଳି ପରେ ସେମାନଙ୍କର ନିର୍ଦ୍ଦେଶ ଶୀତଳଭଣ୍ଡାରକୁ ଚାଲି ଯାଉଛି। ଅନ୍ୟପକ୍ଷେ ପ୍ରତ୍ନତତ୍ତ୍ୱ ବିଭାଗ ମଧ୍ୟ ନୀରବ ରହୁଛି।

୨୦୧୧ ମେ ୩ ଅପରାହ୍ନ ସାଢ଼େ ୫ଟାରେ ଝିପିଝିପି ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ଏଥିରେ ପୁରୁଣା ସହରରେ ଥିବା ଜଗନ୍ନାଥ ମନ୍ଦିରର ଅଁଳାବେଢ଼ାର କିଛି ଅଂଶ ଭାଙ୍ଗି ଯାଇଥିଲା। ଦଧିନଉତି ତଳେ ଥିବା ଅଁଳାବେଢ଼ାରୁ ପଥର ଖସି ମନ୍ଦିରର ଉତ୍ତର ଓ ଦକ୍ଷିଣ ଦିଗରେ ପଡିଥିଲା। ଦକ୍ଷିଣ ଦିଗରେ ୩ଟି ଲୁହାର ଶିକୁଳି ମଧ୍ୟ ଖସି ପଡ଼ିଥିଲା। ଏପରିକି ମନ୍ଦିରର ଭିତର ପାର୍ଶ୍ୱର ବିଦ୍ୟୁତ୍ ସଂଯୋଗ ବଜ୍ରପାତରେ ନଷ୍ଟ ହୋଇ ଯାଇଥିଲା। ସେ ସମୟରେ ତତ୍କାଳିନ ଉପଜିଲାପାଳ ଦେବତା କହିଥିଲେ, ନୟାଗଡ଼ ଦେବୋତ୍ତର ବିଭାଗ ଅଧୀନରେ ଥିବା ମନ୍ଦିର ଗୁଡିକରେ ଖୁବ୍ ଶିଘ୍ର ବୈଦ୍ୟୁତିକ ଆଘାତ ପ୍ରତିରୋଧକ ଠିକ୍ ବ୍ୟବସ୍ଥା ସ୍ୱରୂପ ଲାଇଟ ଆରେଷ୍ଟର ଓ ଡବଲ ଆର୍ଥିଂ ଖୁବ୍ ଶୀଘ୍ର କରାଯିବ। ସେହିବର୍ଷ ଜୁଲାଇରେ କେବଳ ଜଗନ୍ନାଥ ମନ୍ଦିରରେ ୧ଲକ୍ଷ ୧୭ ହଜାର ଟଙ୍କାରେ ବ୍ୟୟ କରାଯାଇ ମରାମତି କରାଯିବ ସହ ଲାଇଟ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା କରାଯାଇଥିଲା। ଏ ନେଇ ନୟାଗଡ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରେ ୫-ଟି ଅନୁଦାନରେ ଜିଲାର ୨୦ଟି ମନ୍ଦିରର ରୂପାନ୍ତରଣ କରାଯିବ। ସେହି ଅନୁଦାନରେ ଲାଇଟ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା ହେବ । ଏଣୁ ବଜ୍ରପାତ ହେଲେ ଆଉ ମନ୍ଦିରକୁ ଭୟ ରହିବ ନାହିଁ ବୋଲି ସେ କହିଛନ୍ତି।



ବଉଳସାହି ଜଗନ୍ନାଥ ମନ୍ଦିରର ଦଧିନଉତି ବଜ୍ରପାତରେ ଭାଙ୍ଗିଲା।

## ଦଧିନଉତି ଭାଙ୍ଗିଗଲା

**ନୟାଗଡ଼,୨।୯(ଲୋକନାଥ ମିଶ୍ର):** ନୟାଗଡ଼ ବ୍ଲକ ନୋଡ଼ର ପଞ୍ଚାୟତ ବଉଳସାହିରେ ଜଗନ୍ନାଥ ମନ୍ଦିରର ଶନିବାର ଅପରାହ୍ନରେ ବଜ୍ରପାତ ଯୋଗୁ ଦଧିନଉତି ଭାଙ୍ଗି ଚୁରମାର ହୋଇଛି। ଦଧିନଉତି ଭାଙ୍ଗି ଯିବା ଦ୍ୱାରା ମନ୍ଦିର ଭିତରକୁ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷାରେ ମନ୍ଦିର ଭିତରକୁ ପାଣି ପଶୁଛି। ଶନିବାର ବାରମ୍ବାର ବଜ୍ରପାତ ହେବା ପରେ ବଉଳସାହି ଓ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଦେଖା ଦେଇଥିଲା। ମନ୍ଦିର ଦଧିନଉତି ଭାଙ୍ଗିବା ପରେ ଗାଁ ଲୋକ ଅଧିକ ଭୟଭୀତ ହୋଇପଡ଼ିଛନ୍ତି।

## ରଣପୁର ଜଗନ୍ନାଥ ମନ୍ଦିର ବାନା ପୋଡ଼ିଗଲା



ବଜ୍ରପାତରେ ରଣପୁର ଜଗନ୍ନାଥ ମନ୍ଦିରର ପତିତପାବନ ବାନା ପୋଡ଼ିଗଲା।

**ନୟାଗଡ଼/ରଣପୁର,୨।୯(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ):** ରଣପୁର ଜଗନ୍ନାଥ ମନ୍ଦିରରେ ପତିତପାବନ ବାନା ଶନିବାର ଅପରାହ୍ନରେ ବଜ୍ରପାତରେ ପୋଡ଼ି ଯାଇଛି। ଅପରାହ୍ନରେ ବାରମ୍ବାର ବଜ୍ରପାତ ହେବାରୁ ଏଭଳି ଅଘଟଣ ଘଟିଛି। ପତିତପାବନ ବାନା ପୋଡ଼ିବା ଅଘଟଣର ଲକ୍ଷଣ ବୋଲି କିଛି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଅପରାହ୍ନରେ ହଠାତ କଳାହାଣ୍ଡିଆ ମେଘ ଆସି ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବର୍ଷା ହେବା ସହ ୪୦ରୁ ଊର୍ଦ୍ଧ୍ୱ ବଜ୍ରପାତ ହୋଇଥିଲା। ଏହାକୁ ନେଇ ଅଞ୍ଚଳରେ ସାଧାରଣ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ନିକିତା



@ କାଇରା



@ ଜ୍ଞାନରଞ୍ଜନ



@ ପ୍ରଶାନ୍ତ



@ ଏସ୍.କେ. ରହିମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଅଟୋ ଡ୍ରାଇଭର ଅପହରଣକୁ ୪୮ ଘଣ୍ଟା ବିତିଲା

**ପୋଲିସ ପାରିଲାନି, ହରିପୁର ଅଶାନ୍ତ**

ନୟାଗଡ଼,୨।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡିପଡ଼ା ଫାଣ୍ଡି ବଡ଼ଦେଶ ହରିପୁର ଗାଁରେ ଗୁରୁବାର ରାତିରେ ଅପହରଣ ହୋଇଥିବା ଅଟୋ ଡ୍ରାଇଭର କାଳିଆ ସେନାପତି (୩୫)ଙ୍କୁ ଉଦ୍ଧାର କରିବାରେ ପୋଲିସ ଅସମର୍ଥ ହେବା ପରେ ଗାଁରେ ଅଶାନ୍ତି ଓ ବିବାଦ ବଢ଼ିଛି। ଅଟୋ ଡ୍ରାଇଭରଙ୍କୁ ଉଦ୍ଧାର ପାଇଁ ପୋଲିସର କାର୍ଯ୍ୟକଳାପ ଉପରେ ପରିବାର ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅପହରଣ ଘଟଣାର ୪୮ ଘଣ୍ଟା ପରେ ପୋଲିସ କେବଳ ୫ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୋଲିସ ପ୍ରକୃତ ଅପରାଧୀଙ୍କୁ ଧରିବାରେ ସକ୍ଷମ ହେଉ ନ ଥିବାରୁ ଅନ୍ଧାରରେ ବାଡି ବୁଲାଉଥିବା କୁହାଯାଉଛି। ଗାଁରେ ଧୀରେ ଧୀରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଅପହରଣ ନାଟକର ଯବନିକା ନ ପଡ଼ିଲେ ଗୋଷ୍ଠୀ ସଂଘର୍ଷର ରୂପ ନେଇପାରେ ବୋଲି ଚର୍ଚ୍ଚା ହେଉଛି। ଅପହରଣ ଘଟଣାକୁ ନେଇ ପୋଲିସ ନଂ. ୧୩୬/୨୩ରେ ୧୫ଜଣଙ୍କ ନାଁରେ ମାମଲା ରୁଜୁ କରିଛି।

### ଦାଦାଙ୍କ ଆକ୍ରମଣରେ ୭ମାସର ପୁତୁରା ଗୁରୁତର

ନୟାଗଡ଼,୨।୯(ଲୋକନାଥ ମିଶ୍ର)

ଶରଣକୁଳ ଥାନା ଗୋଡିପଡ଼ା ଫାଣ୍ଡିର ତୋଡିବାରି ଗାଁରେ ଜମିବାଡି ବିବାଦକୁ ନେଇ ଦାଦାଙ୍କ ଆକ୍ରମଣରେ ୭ ମାସର ପୁତୁରା ସୁବ୍ରତ ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୁବ୍ରତଙ୍କ ବାପା ସୁଧୀରଙ୍କ ସହ ସାନ ଭାଇଙ୍କର ଜମି ବାଡି ବିବାଦକୁ ନେଇ ବିବାଦ ଥିଲା। ୭ ବର୍ଷର ଭଉଣୀ ୭ ମାସର ଭାଇକୁ ଧରି ଠିଆ ହୋଇଥିବାବେଳେ ଦାଦା ଶନିବାର ସକାଳେ ଆକ୍ରମଣ କରିଥିଲେ। ପୁଣି ଝିଆରି ସାମାନ୍ୟ ଆହତ ହୋଇଛନ୍ତି। ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ।

# ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସମାବେଶ

- ୨୮ରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ
- କ୍ଲେମ ଆବେଦନ ପୁଣି କରାଯାଇପାରିବ

ନୟାଗଡ,୨।୯ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ପ୍ରତାପପ୍ରସାଦ ଭୈରବୀ ମନ୍ଦିର ପୀଠରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ଜିଲାସ୍ତରୀୟ ସମ୍ମେଳନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଚଣ୍ଡାଳ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମଞ୍ଚ ସଭାପତି ଜୟନ୍ତ ଦାସ, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ଯୁଗ୍ମ ଆବାହକ ଅନୁରାଧା ସୁବୁଦ୍ଧି, ସଞ୍ଜୟ ମହାପାତ୍ର, ବିଜୟଲକ୍ଷ୍ମୀ ଆଚାରୀ, କୁଳମଣି ପୃଷ୍ଟି, ହରିଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଆସନ୍ତା ୨୮ ତାରିଖରେ ଜିଲାସ୍ତରୀୟ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଯେଉଁ ଜମାକାରୀମାନେ ଅନ୍‌ଲାଇନ କ୍ଲେମ କରିନାହାନ୍ତି ସେମାନେ ଜମାରାଶି ପ୍ରମାଣର ଜେରକ୍ସ ନକଲ ଓ ନିଜ ପରିଚୟ ପତ୍ର, ବ୍ୟାଙ୍କ ଜମାଖାତାର ଜେରକ୍ସ ଧରି ଚଳିତ ମାସ ୨୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବେ। ସେଠାରେ ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ଫର୍ମକୁ ନେଇ ଫର୍ମ ପୂରଣ କରି କ୍ଲେମ ଦାଖଲ କରିବେ ବୋଲି ନିଷ୍ପତ୍ତି ହୋଇଛି। ଓପିଡା ଆଇନ ୨୦୧୧ ଓ ବଡସ ଆଇନ ୨୦୧୯ ଭିତ୍ତିରେ ଜମାକାରୀଙ୍କୁ କ୍ଲେମ ଆବେଦନ କରିବାକୁ ପଡ଼ିବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ଓପିଡା ଓ ବଡସ ଆଇନ ଭିତ୍ତିରେ ଜମାକାରୀଙ୍କୁ ଟଙ୍କା ଫେରସ୍ତରେ କେନ୍ଦ୍ର ଓ ରାଜ୍ୟ ସରକାର, ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ, ସିବିଆଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟଙ୍କ ଅହେତୁକ ବିଳମ୍ବକୁ ନେଇ ସୁପ୍ରିମ କୋର୍ଟ କଡା ଭର୍ତ୍ସନା କରିଛନ୍ତି। ତେବେ ଜମାକାରୀଙ୍କ ଟଙ୍କା ତୁରନ୍ତ ଫେରାଇବାକୁ ଅନୁରୂପ ନିର୍ଦ୍ଦେଶ ଦେଇଛନ୍ତି। ଇତି ମଧ୍ୟରେ ସିଆର୍‌ସିଏସ୍ ସାହାରା ରିଫଣ୍ଡ ୱେବ ପୋର୍ଟାଲରେ ଅନ୍‌ଲାଇନ କ୍ଲେମ ଆବେଦନ ପାଇଁ ଆହ୍ୱାନ କରାଯାଇଛି। ସାହାରାର ଜମାକାରୀ ଆବେଦନ କରିପାରିବେ ବୋଲି କୁହାଯାଇଛି।



ସମାବେଶରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚର ସଦସ୍ୟମାନେ।

# ଡାକ୍ତରଙ୍କ ବଦଳି ନେଇ ଅସନ୍ତୋଷ

## ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଭାପୁର, ୨।୯ (ଭରତ କୁମାର ବେହେରା)

ସ୍ୱାସ୍ଥ୍ୟସେବାକୁ ଗୁଣାତ୍ମକ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ କର୍ମୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ମାତ୍ର ଗୋଟିଏ ଅଞ୍ଚଳରେ ସେବା ଯୋଗାଇ ଆସୁଥିବା ଜଣେ ଡାକ୍ତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ହଇରାଣ କରିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାରୀ ଅନୁମୋଦନ ଡାକ୍ତରୀ ପଦବୀ ୧୧ ଜଣ ଥିଲା ବେଳେ ମାତ୍ର ୪ ଜଣ କାର୍ଯ୍ୟରତ ଅଛନ୍ତି। ଏଥିମଧ୍ୟରୁ ଡାକ୍ତର ପ୍ରଦୀପ କୁମାର ପାଇକରାୟ ବିଗତ ଦେଢ ବର୍ଷ ହେବ ଭାପୁର ଅଞ୍ଚଳରେ ସେବା ଯୋଗାଇ ଦେଇ ଲୋକଙ୍କ ମନ ଜିଣି ପାରିଛନ୍ତି। ତେବେ ମିଳିଥିବା ସୂଚନା ଅନୁସାରେ, ପାଇକରାୟଙ୍କୁ ଗତ ୬ ମାସରେ ୬ ଥର ବିଭିନ୍ନ ସ୍ଥାନକୁ ବଦଳି ନେଇ ଜନଅସନ୍ତୋଷ ତୀବ୍ର ହୋଇଛି। ଯୁବ ଡାକ୍ତର ପାଇକରାୟଙ୍କୁ ଗତବର୍ଷ ପ୍ରଥମେ ଭାପୁର ଗୋଷ୍ଠୀ ଚିକିତ୍ସାଳୟ ସହ ପରେ ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବିଜିପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ସହିତ ଏକାଧିକ ସ୍ଥାନକୁ ଡେପୁଟେଶନରେ ପଠାଯାଇଛି। ଏଭଳି ସ୍ଥିତିରେ ଡା. ପାଇକରାୟ ମଧ୍ୟ ସଫଳତାର ସହ ଦାୟିତ୍ୱ ତୁଲାଇଥିବା ସୂଚନା ମିଳିଛି। ମାତ୍ର କିଛି ଦିନ ତଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆକ୍ରୋଶମୂଳକ ଭାବେ ଡା. ପାଇକରାୟଙ୍କୁ ନୂଆଗାଁ ବ୍ଲକକୁ ବଦଳି କରିଥିବା ନେଇ ସୂଚନା ମିଳିଛି। ଫଳରେ ଏ ନେଇ ଭାପୁର ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଡା. ପାଇକରାୟଙ୍କୁ ବର୍ତ୍ତମାନ ବଦଳି କରାଗଲେ ମାତ୍ର ୩ ଜଣ ଡାକ୍ତର ଭାପୁର ଅଞ୍ଚଳରେ ରହିବେ। ଯାହା ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଥିପ୍ରତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ

ନୂଆଗାଁ, ୨।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସେନ୍ତେରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏହାର ସତ୍ୟାସତ୍ୟ ପରଖିବା ପାଇଁ ଉକ୍ତ ସ୍କୁଲକୁ ଯିବାରେ ଶନିବାର କିଛି ଛାତ୍ରୀଛାତ୍ର ଭାତ, ଅଣ୍ଡା ସିଝା ଓ ପାଣି ଝୋଳ ଖାଉଥିବା ବେଳେ ଆଉ କିଛି ଛାତ୍ରୀଛାତ୍ର ଭାତ ସାଙ୍ଗକୁ ପାଣିଆ ଆଳୁ ଝୋଳ ଖାଉଥିବା ଦେଖିବାକୁ ମିଳିଛି।

କୌଣସି ପିଲା ଶିକ୍ଷାରୁ ବଞ୍ଚିତ ହେବେ ନାହିଁ। ତେଣୁ ପିଲାମାନେ କିଭଳି ସ୍କୁଲଭିମୁଖୀ ହେବେ ସେଥିପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ପୁସ୍ତକ, ମାଗଣା ପୋଷାକ ଓ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଯୋଜନା କରିଛନ୍ତି। ସ୍କୁଲରେ ଉପସ୍ଥିତ ରହୁଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରତିଦିନ ସରକାରଙ୍କ ତାଲିକା ଅନୁସାରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସରକାର ଚାଉଳ ଯୋଗାଇ ଦେବା ସହ ଅନ୍ୟ ଖର୍ଚ୍ଚ ବାବଦକୁ ୧ମରୁ ୫ମ ଶ୍ରେଣୀ ପିଲାଙ୍କ ନିମନ୍ତେ ଜଣ ପିଛା ୫.୯୦ ଟଙ୍କା ଓ ଷଷ୍ଠ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଜଣ ପିଛା ୮.୮୨ଟଙ୍କା ଦେଉଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ଶିକ୍ଷକ ଏଥିରେ ଅନିୟମିତତା କରୁଥିବା ଅଭିଯୋଗ ହେଉଛି। ସେନ୍ତେରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୧୪୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଶନିବାର ୧୧୨ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ବୋଲି ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ସୁଦର୍ଶନ ପାତ୍ର ସୂଚନା ଦେଇଥିଲେ। ମଧ୍ୟାହ୍ନ ଭୋଜନ ତାଲିକା ଅନୁସାରେ, ଶନିବାର ଭାତ ସାଙ୍ଗକୁ ଅଣ୍ଡା ଝୋଳ ଦେବାର ନିୟମ ରହିଛି। ମଧ୍ୟାହ୍ନ ଭୋଜନ ଖାଉଥିବା କେତେଜଣ ଛାତ୍ରୀଛାତ୍ର ଭାତ ସାଙ୍ଗକୁ ପାଣିଆ ଝୋଳ ଖାଉଥିବା ବେଳେ ଆଉ କିଛି ଛାତ୍ରୀଛାତ୍ର ଭାତ, ସିଝା ଅଣ୍ଡା ଭଜା ଓ ପାଣିଆ ଝୋଳ ଖାଉଥିଲେ। ସେହି ପାଣିଆ ଝୋଳରେ ମସଲା ନ ଥିଲା କି ହଳଦୀ ନ ଥିଲା। ତେବେ ୧୧୨ ଛାତ୍ରୀଛାତ୍ରଙ୍କୁ ୪୧ ଗୋଟି ଅଣ୍ଡା ସିଝା ହୋଇଥିବା ବାବଦରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ପାତ୍ରଙ୍କୁ ପଚାରିବାରେ ଶନି ଓଷା ଯୋଗୁ କେତେଜଣ ଛାତ୍ରୀଛାତ୍ର ଅଣ୍ଡା ଖାଉ ନାହାନ୍ତି। ତେଣୁ ସେମାନଙ୍କୁ କଞ୍ଚା ଅଣ୍ଡା ଦିଆଯାଉଛି। ନିମ୍ନମାନର ଖାଦ୍ୟ ବିଷୟରେ ପଚାରିବାରେ ସରକାରଙ୍କ ଅନୁଦାନ ଓ ଦରଦାମ୍ ଦୃଷ୍ଟିରୁ ଆଉ ଅଧିକ ଭଲ କରିବା ସମ୍ଭବ ହେଉନାହିଁ ବୋଲି ସେ କହିଥିଲେ। ନିମ୍ନମାନର ଖାଦ୍ୟ ବାବଦରେ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀଙ୍କୁ ପଚାରିବାରେ ଏ ବାବଦରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।



ସ୍କୁଲରେ ନିମ୍ନମାନର ଖାଦ୍ୟ ଛାତ୍ରୀଛାତ୍ର ଖାଉଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଯାଜପୁର ଟାଉନ,୨।୯ (ପ୍ରଯଲ୍କା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ମେଡିକାଲ କଲେଜ ନିକଟରେ ନୂତନଭାବେ ନିର୍ମାଣ ଚାଲିଥିବା ପୌରପାଳିକା କାର୍ଯ୍ୟାଳୟ କୋଠାରୀରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଥିବାବେଳେ ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୃତକ ହେଲେ ଯାଜପୁର ବିନ୍ଧାଣ ଗ୍ରାମର ସେକ୍ ସୋଲିଙ୍କ ପୁଅ ସେକ୍ ଗୁଲୁ(୩୦)। କେହି ଦୁର୍ବୃତ୍ତ ନିଶାଦେଇ ତାଙ୍କୁ ମାରିଦେଇଛନ୍ତି ବୋଲି ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ନିଶା ଖାଇ ଯୁବକଙ୍କ ମୃତ୍ୟୁ ଘଟିଛି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଥାନାରେ ନଂ.୩୨୬/୨୩ରେ ଏକ ମାମଲା ରୁଜୁ ହୋଇଛି।

### ସିଂହପୁର ଅଞ୍ଚଳରେ ବିଦ୍ୟୁତ୍ କାଟ

**ସିଂହପୁର,୨।୯(ଅନଙ୍ଗ ଉଦୟ ବେହୁରିଆ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଲମକୁଳି ବିଦ୍ୟୁତ୍ ଉପଖଣ୍ଡର ସିଂହପୁର ଓ ଏହାର ଆଖପାଖ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଦିନବେଳା ଓ ସନ୍ଧ୍ୟା ସମୟରେ ବିଦ୍ୟୁତ୍ କାଟ୍ ଯୋଗୁ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟାଟା କମ୍ପାନୀ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବା ପରେ ଜନସାଧାରଣଙ୍କ ସମସ୍ୟା ବୃଦ୍ଧି ପାଇଛି। ଏବେ ଖରା ଓ ଗୁଳୁଗୁଳିରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ଦିନବେଳା ମରାମତି ଆଳରେ ବିଦ୍ୟୁତ୍ କାଟ କରାଯାଉଛି। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ବୟସ୍କ ଓ ଶିଶୁମାନେ ଅଧିକ କଷ୍ଟ ଭୋଗୁଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ସଂଯୁକ୍ତା ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ନିଯୁକ୍ତ

**ଯାଜପୁର ଟାଉନ,୨।୯ (ପ୍ରଯଲ୍କା ପ୍ରିୟଦର୍ଶନୀ ମହାନ୍ତି):**

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ସଦସ୍ୟ ଭାବେ ୫ଜଣଙ୍କୁ ଶନିବାର ନିଯୁକ୍ତି ଦିଆଯାଇଛି। ଏଥିରେ ଯାଜପୁର ଜିଲା ଦଶରଥପୁର ବ୍ଲକର ସଂଯୁକ୍ତା ମହାନ୍ତି ସ୍ଥାନ ପାଇଛନ୍ତି। ସେ ପୂର୍ବରୁ ଦଶରଥପୁର ବ୍ଲକ୍ ଅଧ୍ୟକ୍ଷା ଥିଲେ। ଏହି ନିଯୁକ୍ତି ମିଳିବା ପରେ ଜିଲାର ବିଭିନ୍ନ ମହଲରୁ ସଂଯୁକ୍ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଆସନ୍ତା ୩ ବର୍ଷ ପାଇଁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି।



# ଆଦର୍ଶ ବିଦ୍ୟାଳୟ କୋଠା ନିର୍ମାଣରେ ବିଳମ୍ବ

- ଏଯାଏ ଭୂଇଁରୁ ଉଠିପାରୁନି
- ଶ୍ରେଣୀଗୃହ ଅଭାବରୁ ପାଠପଢ଼ା ବାଧାପ୍ରାପ୍ତ
- ଚୁକ୍ତି ବାତିଲ କରି ପୁନଃ ଟେଣ୍ଡର କରିବାକୁ ଦାବି

**ରସୁଲପୁର,୨।୯(ରଞ୍ଜିତ ରାଉତ):**



ଅର୍ଦ୍ଧନିର୍ମିତ ଅବସ୍ଥାରେ ଆଦର୍ଶ ବିଦ୍ୟାଳୟ।

ରସୁଲପୁର ବ୍ଲକରେ ବହୁ ବିଳମ୍ବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିଛି। ହେଲେ ଏହାର କୋଠା ନିର୍ମାଣ ହୋଇ ନ ଥିବାରୁ ଏହା ଅସ୍ଥାୟୀ ଭାବେ ୨ ବର୍ଷ ଧରି କଳଣସ୍ଥିତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲୁଛି। ଆଦର୍ଶ ବିଦ୍ୟାଳୟ ନୂତନ କୋଠା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୫ ଡିସେମ୍ବର ୨୦୨୧ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୨୧ ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରାଯିବା କଥା। ଏହାରି ଭିତରେ ୧୭ ମାସ ବିତିସାରିଲାଣି। ହେଲେ ବିଦ୍ୟାଳୟ ନୂତନ କୋଠା ଭୂଇଁରୁ ଉଠି ପାରୁନାହିଁ। ଫଳରେ ଶ୍ରେଣୀ ଗୃହ ଅଭାବରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁ ଠିକାଦାରଙ୍କ ପକ୍ଷରୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ଅଭିଯୋଗ ହେଉଛି।

୨୦୨୨-୨୩ ଶିକ୍ଷାବର୍ଷରେ ରସୁଲପୁର ବ୍ଲକ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ଅନୁମତି ମିଳିଥିଲା। ସେହି ବର୍ଷ ମାର୍ଚ୍ଚରେ ପ୍ରଥମ ବ୍ୟାଚ୍ ୬ଷ୍ଠ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଇଁ ପ୍ରବେଶିକା ପରୀକ୍ଷା କରାଯାଇଥିଲା। ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଏକ ଅବ୍ୟବହୃତ ପ୍ରକୋଷ୍ଠକୁ ଶ୍ରେଣୀ ଗୃହ ଭାବେ ବ୍ୟବହାର କରାଯାଉଛି। ଏହି କାର୍ଯ୍ୟର ବର୍ଷକ ପୂର୍ବରୁ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୮.୩୧କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ପରେ ଶ୍ରେଣୀଗୃହ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ଠିକାଦାରଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୩୧ ଡିସେମ୍ବର ୨୦୨୩ରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ଚୁକ୍ତି ହୋଇଛି। ଉକ୍ତ ଚୁକ୍ତିନାମା ଅବଧି ପୂରିବାକୁ ଆଉ ମାତ୍ର ୪ ମାସ ବାକି ରହିଛି। ହେଲେ ଏବେ ସୁଦ୍ଧା ଗୃହ ନିର୍ମାଣର ୧୦ ଶତକଡ଼ା କାର୍ଯ୍ୟ ଶେଷ ହୋଇପାରି ନାହିଁ। ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଠିକାଦାରଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ପାଇଁ ଠିକାଦାରଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି କରି ଚୁପ୍ ବସିଥିବା ଜଣାଯାଇଛି।

କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏସବୁ ପରେ ବି ଠିକାଦାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରୁ ନ ଥିବା ଜଣାଯାଇଛି। ତେଣୁ ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିବାତିଲ କରି ପୁନଃ ଟେଣ୍ଡର ପ୍ରକ୍ରିୟା କରିବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷରେ ଶ୍ରେଣୀଗୃହ ଅଭାବ ଯୋଗୁ ଆଦର୍ଶ ବିଦ୍ୟାଳୟର ୬ଷ୍ଠ ଓ ୭ମ ଶ୍ରେଣୀକୁ ପରିଚାଳନାରେ ସମସ୍ୟା ହେଉଛି। ବିଦ୍ୟାଳୟରେ ରୋଷଘର ନ ଥିବାରୁ ମଧ୍ୟାହ୍ନଭୋଜନ ପରିଚାଳନରେ ଅସୁବିଧା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ଚଳିତବର୍ଷ ଜିଲା ପ୍ରଶାସନର ଅନୁମତିକ୍ରମେ ଆଦର୍ଶ ବିଦ୍ୟାଳୟକୁ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିବାରୁ ଏହି ବିଦ୍ୟାଳୟ ପୁନର୍ବାର ପୁରୁଣା ସ୍ଥାନକୁ ଫେରିଯାଇଛି। ହେଲେ ଏଠାରେ ଲାଇବ୍ରେରି, ଷ୍ଟଡିରୁମ୍, ଅଫିସ, କମନ ରୁମ, ଷ୍ଟୋର୍‌ରୁମ ଆଦି ଅଭାବରୁ ବିଦ୍ୟାଳୟ ପରିଚାଳନା ଠିକ୍‌ରେ ହୋଇ ପାରୁନାହିଁ। ତେଣୁ ବିଦ୍ୟାଳୟର ନୂତନ କୋଠା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନରୋତ୍ତମ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟ କୋଠା ନିର୍ମାଣରେ ବିଳମ୍ବକୁ ନେଇ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦରକାର ପଡ଼ିଲେ ଚୁକ୍ତି ବାତିଲ କରାଯାଇ ପୁନଃ ଟେଣ୍ଡର ଆହ୍ୱାନ ପାଇଁ ପଦକ୍ଷେପ ନିଆଯିବ।

## ଆଦିବାସୀଙ୍କୁ ଜମିପଟ୍ଟା ଦାବିରେ ତହସିଲ ଘେରାଉ

**ଯାଜପୁରରୋଡ୍,୨।୯(ପବିତ୍ର ରଞ୍ଜନ ମହାନ୍ତି)**

ଜଙ୍ଗଲ ଅଧିକାର ଆଇନ ସତ୍ତ୍ୱେ ନିରୀହ ଭୂମିହୀନ ଆଦିବାସୀ ଅଧିକାର ପାଇବାରୁ ବଞ୍ଚିତ ହୋଇଛନ୍ତି। କୋରେଇ ବ୍ଲକ ବ୍ୟାସନଗର ତହସିଲ ଅଧୀନ ପାଟରଙ୍ଗା ପଞ୍ଚାୟତ ଭାଲୁକୁହୁଡି ଗ୍ରାମରେ ପୁରୁଷାନୁକ୍ରମିକ ଭାବେ ବସବାସ କରି ଆସୁଥିବା ଶତାଧିକ ଆଦିବାସୀ ପରିବାର ପାଖରେ ଘର କିମ୍ବା ଚାଷ ଜମି ପଟ୍ଟା ନାହିଁ। ତାଙ୍କ ପିଲାମାନେ ପାଠପଢାଠାରୁ ଆରମ୍ଭ କରି ବାସସ୍ଥାନ ପ୍ରମାଣ ପତ୍ର ପାଇବାରୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସେମାନେ ଜନପ୍ରତିନିଧି ଓ ସରକାରଙ୍କ ନିକଟରେ ଦାବି କରୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏଥିପାଇଁ ଶନିବାର ଯାଜପୁର ସାନ୍ତାଳ ସମାଜ, ଯାଜପୁର ଇୟୁନାଇଟେଡ୍ ଫୋରମ ଓ ଯାଜପୁର ସିଭିଲ ସୋସାଇଟି ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଗୋପବନ୍ଧୁ ଛକ ନିକଟରୁ ବିଭିନ୍ନ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବ୍ୟାସନଗର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ।

ଯାଜପୁରରୋଡ୍ ପୋଲିସ ସେମାନଙ୍କ ସହ ଆଲୋଚନା କରିବା ପରେ ସଂଗଠନର ନେତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅଶୋକ କୁମାର ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସାନ୍ତାଳ ସମାଜ ସଭାପତି ଧନେଶ୍ୱର କିସ୍କୁ, ସିଭିଲ ସୋସାଇଟି ଫୋରମ ସମ୍ପାଦକ ବିଶ୍ୱନାଥ ପାତ୍ର, ଇୟୁନାଇଟେଡ୍ ଫୋରମର ସହଦେ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବିକୁ ଯାଜପୁର ଜିଲା ସିଆଇଟିୟୁ ସଭାପତି ପ୍ରଫୁଲ୍ଲ ନାୟକ, କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର ସମର୍ଥନ କରିଛନ୍ତି।




ଆଦିବାସୀ ମହିଳା, ପୁରୁଷମାନେ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବ୍ରାହ୍ମଣୀ ନଦୀ, ଚିଙ୍ଗୁଡ଼ିଆ ନାଳରେ ହେବ ବିଜୁ ସେତୁ




ଲୋକେ ଡଙ୍ଗାରେ ବ୍ରାହ୍ମଣୀ ନଦୀ ପାର ହେଉଛନ୍ତି।

**ବରୀ,୨।୯(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ମେଣ୍ଟର ବ୍ରାହ୍ମଣୀ ନଦୀ ଓ ବୋଦୁଅର ଚିଙ୍ଗୁଡ଼ିଆ ନାଳ ଉପରେ ନିର୍ମାଣ ହେବ ବିଜୁ ସେତୁ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ବ୍ରାହ୍ମଣୀ ସେତୁ ପାଇଁ ୧୫ କୋଟି ୨ ଲକ୍ଷ ଏବଂ ଚିଙ୍ଗୁଡ଼ିଆ ନାଳ ଉପରେ ସେତୁ ନିର୍ମାଣ ପାଇଁ ୪୪ କୋଟି ୮୮ ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ଏକଥା ଜାଣିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି।

ଉକ୍ତ ବ୍ଲକ୍ ଅଧୀନ ଗୋଲକୁଣ୍ଡ ପଞ୍ଚାୟତର ମେଣ୍ଟ, ବୋଦୁଅ ପଞ୍ଚାୟତର କନ୍ତିଆ, ବୋଦୁଅ, ସରବରା, ବରିଲୋ ଓ ଭଅଁରା ପଞ୍ଚାୟତର ରାୟପୁର ରାଜସ୍ୱ ଗ୍ରାମ ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ। ମେଣ୍ଟ ଗ୍ରାମର ଲୋକଙ୍କ ଯାତାୟାତ କ୍ଷେତ୍ରରେ ବ୍ରାହ୍ମଣୀ ନଦୀ ବାଧକ ସାଜିଛି। ସେହିପରି ତନ୍ତିଘାଇ ଶାଖାର ଚିରସ୍ରୋତା ଚିଙ୍ଗୁଡ଼ିଆ ନାଳ ଦେଇ ବୋଦୁଅ ଓ ଭଅଁରା ପଞ୍ଚାୟତର ଅଧିବାସୀମାନେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ମେଣ୍ଟର ବ୍ରାହ୍ମଣୀ ନଦୀ ଓ ବୋଦୁଅର ଚିଙ୍ଗୁଡିଆ ନାଳରେ ସେତୁ ନିର୍ମାଣ ନିମନ୍ତେ ଅଧିବାସୀମାନେ ଦାବି କରି ଆସୁଥିଲେ। ବନ୍ୟା ସମୟରେ ବରୀ ବିଧାୟିକା ସୁନନ୍ଦା ଦାସ ଗୋଲକୁଣ୍ଡ ପଞ୍ଚାୟତର ମେଣ୍ଟକୁ ଯାଇ ପାରି ନ ଥିଲେ। ତେଣୁ ସେ ସ୍ଥାନୀୟ ଲୋକଙ୍କର ବାସ୍ତବ ସ୍ଥିତିକୁ ଅନୁଭବ କରିଥିଲେ। ଏହାପରେ ୨୦୨୦ରେ ଲୋକଙ୍କ ନଦୀ ପାର ନିମନ୍ତେ ବ୍ୟକ୍ତିଗତ ଭାବେ ଏକ ଡଙ୍ଗାର ବ୍ୟବସ୍ଥା କରିବା ସହ ଏଠାରେ ଏକ ପୋଲ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଚିଙ୍ଗୁଡିଆ ନାଳଦେଇ ଦୁଇଟି ପଞ୍ଚାୟତର ଲୋକ ବରୀ ବ୍ଲକ୍ କାର୍ଯ୍ୟାଳୟ, ବରୀ ତହସିଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ଓ ବରୀ ରାମଚନ୍ଦ୍ରପୁର ଥାନା ଆଦିକୁ ବିପଦପୂର୍ଣ୍ଣ ଭାବେ ଡଙ୍ଗା ଯୋଗେ ଯାତାୟାତ କରିଥାନ୍ତି। ତେଣୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ବିଧାୟିକାଙ୍କ ନିକଟରେ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ।

### ମୁଖ୍ୟମନ୍ତ୍ରୀ, ବିଧାୟିକାଙ୍କୁ କୃତଜ୍ଞତା

ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ଗୋଲକୁଣ୍ଡ ସରପଞ୍ଚ ସବିତା ବେହେରା, ସମିତିସଭ୍ୟା ପ୍ରିୟଙ୍କା ମଲିକ, ପୂର୍ବତନ ସମିତିସଭ୍ୟ ରତିକାନ୍ତ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟା ରଶ୍ମିତା ସାହୁ, ପଞ୍ଚାୟତ ସଭାପତି ଅଞ୍ଜନ ଜେନା, ଭଅଁରା ସରପଞ୍ଚ ପ୍ରଭାତୀ ପଲାଇ, ବୋଦୁଅର ପୂର୍ବତନ ସରପଞ୍ଚ ଧରଣୀଧର ଧଳ, କ୍ଷୀରୋଦ ପ୍ରଧାନ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦେବ ପ୍ରସାଦ ଧଳ, ଅକ୍ଷୟ ପ୍ରଧାନ, ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ ଓ ଜ୍ଞାନରଞ୍ଜନ ଧଳ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟିକା ସୁନନ୍ଦା ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ହାଇୱା ଧକ୍କାରେ ମହିଳା ମୃତ

**ଯାଜପୁର ଟାଉନ,୨।୯ (ପ୍ରଯଲ୍କା ପ୍ରିୟଦର୍ଶନୀ ମହାନ୍ତି):**

କୁଆଖିଆ-ଯାଜପୁର ଟାଉନ ୨୦ନଂ. ଜାତୀୟ ରାଜପଥର ବରମୁଣ୍ଡା ଛକ ନିକଟରେ ଶନିବାର ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ବେଲଗଡ଼ିଆ ଗ୍ରାମର ତପନ ସାହୁଙ୍କ ସ୍ତ୍ରୀ କଲ୍ୟାଣୀ(୪୨)। ଉଭୟ କିଛିଦିନ ହେବ କୁଆଖିଆ ନିକଟସ୍ଥ ଓରାଳି ଗ୍ରାମରେ ଭଡ଼ାଘର ନେଇ ରହୁଥିଲେ। ସକାଳ ୯ଟାରେ ଦମ୍ପତି ଏକ ବାଇକ୍ ନଂ. (ଓଡି-୦୪-କେ-୭୮୭୬) ଯୋଗେ ଓରାଳିରୁ ବେଲଗଡ଼ିଆକୁ ଯାଉଥିଲେ। ଏହି ସମୟରେ ଯାଜପୁର ସଦର ଥାନା ବରମୁଣ୍ଡା ଛକ ନିକଟରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଲି ବୋଝେଇ ହାଇୱା (ନଂ. ଓଆର୍-୦୪-ଏନ୍-୭୮୯୦) ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ କଲ୍ୟାଣୀ ତଳେ ପଡ଼ିଯିବାରୁ ହାଇୱା ତାଙ୍କ ଗୋଡ଼ ଉପରେ ଚଢ଼ିଯିବା ସହ ତାଙ୍କୁ ୨୦ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିସହିତ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ଥାନାକୁ ଆଣିଛି। ହାଇୱା ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, କିଛିବର୍ଷ ହେବ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ପ୍ରତ୍ୟେକ ବର୍ଷ ହାଇୱା ଧକ୍କାରେ ୧୦ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁବରଣ କରୁଥିବାବେଳେ ଅଧିକାଂଶ ଅକର୍ମଣ୍ୟ ହୋଇ ଯାଉଛନ୍ତି। କିନ୍ତୁ ବେଆଇନ ଭାବେ ବାଲି ବୋଝେଇ ଗାଡ଼ି ଯାତାୟତ ଉପରେ ଜିଲା ପ୍ରଶାସନ ଅଙ୍କୁଶ ଲଗାଇ ପାରୁନାହିଁ ବୋଲି ଅଭିଯୋଗ ହୋଇଛି।

## ୩ ଗୋରୁ ବୋଝେଇ ଗାଡ଼ି ଅଟକ

**ରସୁଲପୁର,୨।୯(ରଞ୍ଜିତ ରାଉତ):**

ଧର୍ମଶାଳା ଗୋ-ସୁରକ୍ଷା ସମିତି ଓ ବିଶ୍ୱ ହିନ୍ଦୁ ପରିଷଦର ଯୁବକମାନଙ୍କ ପକ୍ଷରୁ ଶନିବାର ଅପରାହ୍ନରେ ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀ ପଞ୍ଚାୟତ ଦୁର୍ଗାଦେବୀ ମନ୍ଦିର ନିକଟରେ ୩ଟି ଗୋରୁ ବୋଝେଇ ଟାଟା ଏସିଇକୁ ଅଟକ ରଖାଯାଇଛି।

୩ଟି ଗାଡ଼ିରେ ଗାଇ ଓ ବାଛୁରୀଙ୍କୁ ପାଲ ଟଙ୍ଗାଯାଇ ଅସୁରକ୍ଷିତ ଭାବେ ପରିବହନ କରାଯାଉଥିବା ଦେଖି ସମିତି ପକ୍ଷରୁ ଗାଡ଼ିଗୁଡ଼ିକୁ ଅଟକା ଯାଇଥିଲା। ଉକ୍ତଗାଡ଼ିରୁ ପାଲ ହଟାଇବା ସହ ଗାଇ ଓ ବାଛୁରୀଙ୍କୁ ସୁରକ୍ଷିତ ଭାବେ ପରିବହନ କରିବାକୁ ପରିବହନକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ଗାଡ଼ିରେ ଜଣେ ଜଗୁଆଳକୁ ରହିବା ପାଇଁ କୁହାଯାଇଥିଲା। ସମିତି ଓ ପରିଷଦର କାର୍ଯ୍ୟକର୍ତ୍ତାଙ୍କ ପରାମର୍ଶ ମୁତାବକ ଗୋରୁ ପରିବହନକାରୀ ବାରବାଟୀ ବଜାରରୁ ଗୋ-ଖାଦ୍ୟ, ପାଣି ପିଇବା ପାଇଁ ବାଲଟ୍ କିଣି ଗାଇ ଓ ବାଛୁରୀଙ୍କୁ ଖାଇବାକୁ ଦେଇଥିଲେ। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା।

ଭୁବନେଶ୍ୱରସ୍ଥିତ ଗାଇ ବ୍ୟବସାୟୀଙ୍କଠାରୁ ୧୮ ଗାଇ ଓ ବାଛୁରୀଙ୍କୁ ୩ ଟାଟା ଏସିଇରେ ବୋଝେଇ କରି କେନ୍ଦୁଝର ଜିଲା ହାଟଡ଼ିହ ବ୍ଲକ ପଡ଼ିହାରୀ ପଲ୍ଲୀ ପଞ୍ଚାୟତକୁ ନିଆଯାଉଥିଲା। ପଞ୍ଚାୟତର ଏମ୍‌ବିକେ ପ୍ରତିପଦ୍ମ ମହାପାତ୍ରଙ୍କ ନେତୃତ୍ୱରେ ଏହି ପରିବହନ କରାଯାଉଥିଲା। ଗୋଟିଏ ଛୋଟ ଗାଡିରେ ଅନ୍ୟୁନ ୨ ଗୋରୁ ପରିବହନ ହେବାର ନିୟମ ଥିବାବେଳେ ଏମ୍‌ବିକେ ୬ଟି ଗୋରୁ ପରିବହନ କରୁଥିଲେ। ଏହାକୁ ସମିତି ଓ ପରିଷଦର ସଦସ୍ୟମାନେ ବିରୋଧ କରିଥିଲେ। ଫଳରେ ଗୋଚାଲାଣକାରୀ ଓ ସମିତି ସଦସ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଗାଇ ଓ ବାଛୁରୀଙ୍କୁ ଏକ ଫାର୍ମକୁ ନିଆଯାଉଛି ଏମ୍‌ବିକେ ସଫେଇ ଦେଇଥିଲେ। ମାତ୍ର ଏନେଇ ପରିବହନ ହେଉଥିବା ସଂସ୍ଥା ପକ୍ଷରୁ କୌଣସି କାଗଜାଦ୍ ହାସଲ କରାଯାଇ ନ ଥିଲା। ଏମ୍‌ବିକେ କେବଳ ହାଟଡିହ ବ୍ଲକରୁ ଗାଇ ଆଣିବା ପାଇଁ ହୋଇଥିବା ଚିଠିକୁ ଦେଖାଇଥିଲେ। ଏହାକୁ ଦେଖିବା ପରେ ସମିତି ସଦସ୍ୟ କିଶୋର ସାମଲ, ପ୍ରଶାନ୍ତ ମୁଦୁଲି, ସଂଗ୍ରାମ ରାଉତ, ହେମନ୍ତ ବାରିକ ପ୍ରମୁଖ ଯୁବକମାନେ ଗାଇଙ୍କ ସୁରକ୍ଷିତ ପରିବହନକୁ ଗୁରୁତ୍ୱ ଦେବା ସହ ଟଙ୍ଗା ଯାଇଥିବା ପାଲକୁ ଖୋଲି ଦେଇଥିଲେ।



ଗୋରୁ ବୋଝେଇ ଟାଟା ଏସିଇକୁ ଲୋକେ ଅଟକ ରଖିଛନ୍ତି।

## ତଳମୁଣ୍ଡରେ ପହଞ୍ଚୁନି କେନାଲ ପାଣି

**କାଏମା,୨।୯(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ୍ ଅଧୀନ ୧୪ ନମ୍ବର କେନାଲରେ ପାଣି ଆସୁ ନ ଥିବାରୁ ଚାଷକାର୍ଯ୍ୟ ପ୍ରଭାବିତ ହେଉଛି। କେନାଲରେ ନିୟମିତ ପାଣି ଛଡ଼ା ଯାଉ ନ ଥିବାରୁ ତାହା ତଳମୁଣ୍ଡରେ ପହଞ୍ଚି ପାରୁନାହିଁ। ଏହାକୁ ନେଇ ଚାଷୀମାନେ ବଡ଼କାଏମା ପଞ୍ଚାୟତରେ ଥିବା ଜଳସେଚନ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହ ତାଲା ପକାଇଥିଲେ। ଏହି ଘଟଣାକୁ ୧୮ଦିନରୁ ଅଧିକ ହେଲାଣି, କିନ୍ତୁ ଏଯାଏ ଚାଷୀଙ୍କ ସମସ୍ୟା ସମାଧାନ ହୋଇ ପାରିନାହିଁ। ଅନ୍ୟପକ୍ଷରେ କାର୍ଯ୍ୟାଳୟରେ ତାଲା ଝୁଲୁଥିଲେ ମଧ୍ୟ ଅଧିକାରୀଙ୍କ ଏଯାଏ ଦେଖାମିଳୁନି।

ଏହି ବ୍ଲକରେ ହାଜରହାଜର ହେକ୍ଟର ଚାଷଜମି ୧୪ ନମ୍ବର କେନାଲ ଦ୍ୱାରା ଜଳ ସେଚିତ ହୋଇଥାଏ। ମାତ୍ର ଚଳିତ ବର୍ଷ କେନାଲରେ ପାଣି ନ ଆସିବା ଫଳରେ କାଏମା, ମିର୍ଜାପୁର, ପାଟପୁର ଅଞ୍ଚଳର ଶତାଧିକ ଚାଷୀ ପ୍ରତିବାଦ କରିଥିଲେ। ପରେ ପାଣି ଆସିଥିଲା। କିନ୍ତୁ ଉପର ମୁଣ୍ଡରେ ଥିବା ମୁଖ୍ୟ କେନାଲରୁ ବାହାରିଥିବା ଶାଖା କେନାଲ ଶୁଖିଲା ଦେଖିବାକୁ ମିଳିଛି। ଏହି ସମସ୍ୟାର ଯଥାଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଡିଭିଜନ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଚକ୍ରଧର ଜେନା କହିଛନ୍ତି, ତାଲା ପକାଇବା ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ପାଣି କେନାଲରେ ନ ଆସିବା କିଛି ନୂଆ ଘଟଣା ନୁହେଁ। ବିଭିନ୍ନ ସ୍ଥାନରେ କେନାଲରେ ପାଣି ଆସିବାରେ ସମସ୍ୟା ସୃଷ୍ଟି ହେଉଛି।

### କାର୍ଯ୍ୟାଳୟରେ ତାଲା ପକାଇବା ପରେ ବି ହେଉନି ସମାଧାନ

# ଯାଜପୁର ଜିଲାରେ ୧୭ ଅତିରିକ୍ତ ବୁଥ

**ଯାଜପୁର, ୨।୯(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ନୂତନ ଭାବେ ୧୭ ଅତିରିକ୍ତ ବୁଥ ହେବ। ଯେଉଁ ବୁଥ୍‌ଗୁଡ଼ିକର ଦୂରତା ୨ କିମିରୁ ଅଧିକ ରହିଛି ଏବଂ ଯେଉଁଥିରେ ୧୫୦୦ରୁ ଅଧିକ ମତଦାତା ଅଛନ୍ତି ସେହି ବୁଥଗୁଡ଼ିକୁ ଏଥିରେ ସାମିଲ କରାଯିବ। ଶନିବାର ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗଙ୍କ ସହ ଅନୁଷ୍ଠିତ ଏକ ବୈଠକରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଏହି ସୂଚନା ଦେଇଛନ୍ତି। ଏଥିରେ ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀର ଧର୍ମଶାଳା ବ୍ଲକରେ ୫ଟି ଯଥା ବୁଥ୍ ନମ୍ବର -୮(କ) ପୋଟୁଆ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ବୁଥ୍ ନମ୍ବର -୨୫୫(କ) ଭଗବାନପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ, ବୁଥ୍ ନମ୍ବର-୨୭(କ) ମା' ତାରିଣୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନମ୍ବର-୨୦୯(କ) ବଳଦେବଜୀଉ ନୋଡାଲ ବିଦ୍ୟାପୀଠ, ବୁଥ୍ ନମ୍ବର-୯୮(କ) ମୁରାରୀପୁର ଗୋପାଳ ଜୀଉ ହାଇସ୍କୁଲ ଏବଂ ରସୁଲପୁର ବ୍ଲକର ବୁଥ୍ ନମ୍ବର-୧୪୪(କ) ହାଟ ସିଂହପୁର ପ୍ରାଥମିକ ବିଦ୍ୟାଳୟ ରହିଛି। ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଯାଜପୁର ବ୍ଲକର ବୁଥ୍ ନମ୍ବର-୩(କ) ବ୍ରଜ ନଗର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନମ୍ବର-୬୪(କ) ପି.ସି.ବି. ସରକାରୀ ଉଚ୍ଚ ବିଦ୍ୟାଳୟ, ବୁଥ୍ ନମ୍ବର-୧୨୪(କ) ବିଚିତ୍ରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଦଶରଥପୁର ବ୍ଲକର ବୁଥ୍ ନମ୍ବର-୧୮୯(କ) ତର୍ପଦା ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନମ୍ବର-୧୭୮(କ) କଟିକଟା ପ୍ରାଥମିକ ବିଦ୍ୟାଳୟ ରହିଛି। କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍ ନମ୍ବର-୬୮(କ) ବରଦା ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନମ୍ବର-୧୫୪(କ) ଗୋଲେଇପୁର ପ୍ରାଥମିକ ବିଦ୍ୟାଳୟ, ରସୁଲପୁର ବ୍ଲକର ବୁଥ୍ ନମ୍ବର-୧୯୨(କ) ଦକ୍ଷିଣ ଭୋଟକା ପ୍ରାଥମିକ ବିଦ୍ୟାଳୟ । ସେହିପରି ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍‌ନମ୍ବର-୧୧୬(କ) ପୁବାଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଥ୍ ନମ୍ବର-୨୧୬(କ) ମାରୁତିକର ସରକାରୀ ପ୍ରାଥମିକ ବିଦ୍ୟାଳୟ ଅନ୍ତର୍ଭୁକ୍ତ। ରାଜନୈତିକ ଦଳଗୁଡ଼ିକର ଯଦି ଏହି ଅତିରିକ୍ତ ମତଦାନ କେନ୍ଦ୍ରଗୁଡ଼ିକ ଉପରେ କିଛି ମତାମତ ବା ଅଭିଯୋଗ ଥାଏ ତେବେ ତାହା ଆସନ୍ତା ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା ଜିଲା ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଯାଜପୁର ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଉପଜିଲାପାଳ ତଥା ଭୋଟର ତାଲିକା ପଞ୍ଜୀକରଣ ଅଧିକାରୀ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର(ନିର୍ବାଚନ) କାଜଲ ପ୍ରଧାନ ଯୋଗଦେଇ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜନୈତିକ ଦଳ ସିପିଆଇ(ଏମ୍)ର କର୍ମକର୍ତ୍ତା ପ୍ରଫୁଲ୍ଲ ନାୟକ, ଭାଜପା ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା, ଆମ ଆଦମୀ ପାର୍ଟିର ଜିଲା ସଭାପତି ମନୋଜ କୁମାର ମହାନ୍ତି, ଭାରତୀୟ ଜାତୀୟ କଂଗ୍ରେସ ଜିଲା ଉପସଭାପତି ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯାଜପୁର ଜିଲାପାଳଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗ ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩ ସେପ୍ଟେମ୍ବର, ୨୦୨୩



# ଘରୁ ବାହାରିଲେ କାଦୁଅ

ଡେରାବିଶ, ୨।୯(ବେବର୍ତ୍ତା ଅଜୟ ଦାସ)

ସ୍ୱାଧୀନତାର ୭୭ ବର୍ଷ ପରେ ଗାଁକୁ ରାସ୍ତା ନାହିଁ। ଘରୁ ବାହାରିଲେ କାଦୁଅରେ ଗୋଡ଼ ଥାପିବାକୁ ପଡ଼େ। ରୋଗରେ ଆକ୍ରାନ୍ତ ହେଲେ ରୋଗୀଙ୍କୁ ବୋହିନେଇ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯିବାକୁ ପଡ଼େ। କାରଣ ଆମ୍ବୁଲାନ୍ସ ଗାଁ ଭିତରକୁ ପଶିପାରେ ନାହିଁ। ଏଭଳି ସମସ୍ୟାମୂଳକ ଗାଁ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଶାରୀଦେଇପୁର ଓ ନହଙ୍ଗ ଗ୍ରାମ ୧୩ ନଂ. ଓ ୧୪ ନଂ. ୱାର୍ଡରେ। ଏହି ଗ୍ରାମ ୨ଟି ସଂଲଗ୍ନ ହୋଇ ରହିଥିବା ବେଳେ ଉଭୟ ଗ୍ରାମରେ ୪୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି।

ସରକାରଙ୍କ ବିଭିନ୍ନ ଯୋଜନା ଗାଁଗୁଡ଼ିକ ପାଇଁ କାର୍ଯ୍ୟକାରୀ ହେଉଥିବା ବେଳେ ଏଠାରେ ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି। ଗାଁକୁ ଭଲ ରାସ୍ତାଟିଏ ନାହିଁ। କାଦୁଅରେ ପଶି ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଯିବାକୁ ପଡୁଛି। ଦୀର୍ଘବର୍ଷ ଧରି ଏହି ଗାଁରେ ରାସ୍ତା ନିର୍ମାଣ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓ, ଜିଲାପାଳ, ସ୍ଥାନୀୟ ବିଧାୟକଙ୍କ ପର୍ଯ୍ୟନ୍ତ ଆପତ୍ତି କରାଯାଉଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗାଁର ମହିଳା ହେମଲତା ମଲ୍ଲିକ କହିଛନ୍ତି। ହେମଲତାଙ୍କ ସୂଚନା ଅନୁଯାୟୀ, କେବଳ ନହଙ୍ଗ ପଞ୍ଚାୟତରେ ଥିବା ସମସ୍ତ ଗାଁ ରାସ୍ତା ଢ଼ଳେଇ ହୋଇଥିବା ବେଳେ ଏହି ୨ଟି ଗ୍ରାମକୁ ପ୍ରଶାସନ ସମ୍ପୂର୍ଣ୍ଣ ଅଣଦେଖା କରିଛି। ସେହିପରି ଗାଁର ଶେଷ ମୁଣ୍ଡରେ ଥିବା ଶ୍ମଶାନକୁ ଯିବା ପାଇଁ ରାସ୍ତା ବାଧକ ସାଜିଛି। ଶୌଚ ହେବା ପାଇଁ ଜଣେ ବ୍ୟକ୍ତିକୁ କାଦୁଅରେ ଗାଁର ଶେଷ ମୁଣ୍ଡକୁ ଯିବାକୁ ପଡିଥାଏ ବୋଲି ଚକ୍ରଧର ମଲ୍ଲିକ କହିଛନ୍ତି। ଗାଁରେ କୌଣସି ବ୍ୟକ୍ତି ଗୁରୁତର ରୋଗରେ ଆକ୍ରାନ୍ତ ହେଲେ କିମ୍ବା ପ୍ରସୂତି ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡ଼ିଲେ ଟୋକେଇରେ ଭାର କରି ମୁଖ୍ୟ ରାସ୍ତା ଯାଏ ନେବାକୁ ପଡ଼ିଥାଏ। ସମସ୍ୟା ଜର୍ଜରିତ ଥିବା ଏହି ଗାଁରେ ସନ୍ଧ୍ୟା ହେଲେ ଘରୁ କୌଣସି ବ୍ୟକ୍ତି ବାହାରକୁ ବାହାରନ୍ତି ନାହିଁ। ସବୁଠାରୁ ବଡ ସମସ୍ୟା ପାଲଟିଛି ପାନୀୟ ଜଳ। ଗାଁ ଭିତରେ ଥିବା ଏକମାତ୍ର ନଳକୂପରୁ ପାଣି ଟୋପାଏ ନେବା ପାଇଁ ଗାଁ ଲୋକଙ୍କୁ ନାକେଦମ୍ ହେବାକୁ ପଡ଼େ। ଏହି ନଳକୂପର ପାଣି ପାନୀୟ ଜଳ ସହ ଗାଧୋଇବା ଓ ଗୃହପାଳିତ ପଶୁଙ୍କ ପାଇଁ ଗୋଟିଏ ଦିନ ପାଇଁ ସାଇତି ରଖୁ। ଗ୍ରାମ ଭିତରେ ପାଇପ୍ ଲାଇନ୍ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏହି ପାଇପ୍ ଯୋଗେ ଖରା ଦିନେ ଆଦୌ ପାଣି ଆସେ ନାହିଁ। ଅନ୍ୟ ସମୟରେ ମଧ୍ୟ ପାଇପ୍‌ରେ ପାଣି ଆସିବା ସମସ୍ୟା ପାଲଟିଛି ବୋଲି କାଞ୍ଚନ ମଲ୍ଲିକ କହିଛନ୍ତି। ବର୍ଷର ଅନ୍ୟ ସମୟରେ ଏହି ରାସ୍ତାରେ ଲୋକ କାରବାର କରୁଥିବା ବେଳେ ବର୍ଷାଦିନେ ଏହି ରାସ୍ତା ୨ଟି ଗାଁ ପାଇଁ ସମସ୍ୟା ପାଲଟିଯାଏ ବୋଲି ଶ୍ରୀଧର ମଲ୍ଲିକ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ଏହି ଗାଁର ସମସ୍ୟା ବିଷୟରେ ତାଙ୍କ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ଦିନେ ଦୁଇଦିନ ମଧ୍ୟରେ ସ୍ଥିତି ଅନୁଧ୍ୟାନ କରି ଯାହା କିଛି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଏ ବିଷୟରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଦେବାଶିଷ ଧଳଙ୍କୁ ପଚାରିବାରୁ ଗ୍ରାମ ପାଇଁ ଏକ ନୂତନ ଡିପିଆର୍ ତିଆରି ହୋଇ ସର୍ଭେ ରିପୋର୍ଟ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯାଇଛି। ମଞ୍ଜୁର ହେବା ପରେ ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି।




ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଶାରୀଦେଇପୁର ଓ ନହଙ୍ଗ ୧୩, ୧୪ ନଂ. ୱାର୍ଡ ରାସ୍ତା କାଦୁଅ। ଗାଁରେ ଥିବା ଗୋଟିଏ ନଳକୂପ।

**ସମସ୍ୟାଘେରରେ ନହଙ୍ଗ ପଞ୍ଚାୟତ ନଂ. ୧୩, ୧୪ ୱାର୍ଡ**
- ଗୋଟିଏ ନଳକୂପ ସାଜିଛି ଗାଁ ଲୋକଙ୍କ ଭରସା
- ଗାଁ ଭିତରକୁ ଯାଇପାରୁନି ଆମ୍ବୁଲାନ୍ସ
- ଆନ୍ଦୋଳନ ପାଇଁ ମହିଳାଙ୍କ ସଜବାଜ

## ସଂକ୍ଷେପରେ

### ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନଙ୍କୁ ପିକାସୋ ଆୱାର୍ଡ



କେନ୍ଦ୍ରାପଡ଼ା, ୨।୯(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରସ୍ଥିତ ପୌରାଞ୍ଚଳ ସରକାରୀ ହାଇସ୍କୁଲର ଚିତ୍ରକଳା ଶିକ୍ଷକ ତଥା କ୍ରିଷ୍ଣା ଆର୍ଟସର ନିର୍ଦ୍ଦେଶକ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ସମ୍ମାନଜନକ ପିକାସୋ ପୁରସ୍କାର ମିଳିଛି। କୋଲକାତାସ୍ଥିତ ବୀରେନ୍ଦ୍ର ମେମୋରିଆଲ ଫାଇନ୍ ଆର୍ଟ ଆଣ୍ଡ କଲ୍‌ଚର ଅନୁଷ୍ଠାନ ପକ୍ଷରୁ ୨୦୨୩ ପାଇଁ ହୋଇଥିବା ଚୟନରେ ସେ ଗତ ଅଗଷ୍ଟରେ ପୁରସ୍କୃତ ହୋଇଛନ୍ତି। ପ୍ରକୃତିର ସୁରକ୍ଷା ବିଷୟବସ୍ତୁ ଆଧାରିତ ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗନେଇ ସେ ଏହି ସମ୍ମାନ ପାଇଛନ୍ତି। ଏହି ପ୍ରତିଯୋଗିତାରେ ସେ ପ୍ରଥମ ହୋଇଥିଲେ। ସୂଚନାଯୋଗ୍ୟ, ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ଜାତୀୟ ଓ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରତିଯୋଗିତାରେ ଭାଗନେଇ ବହୁବାର ସମ୍ମାନିତ ହୋଇଛନ୍ତି। ଏପରିକି ଏଥିପାଇଁ ତାଙ୍କ ନାମ ଗିନିଜ୍ ବୁକ୍ ଓ ମ୍ୟାଜିକ୍ ବୁକ୍ ରେକର୍ଡରେ ସ୍ଥାନ ପାଇଛି।

### ଓସ୍‌ଡମା ପକ୍ଷରୁ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ

ଡେରାବିଶ, ୨।୯(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲା ଓସ୍‌ଡମା ପକ୍ଷରୁ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଓସ୍‌ଡମାର କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ କୁମାର ବେହୁରା ଯୋଗଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର ନିରାକରଣ ଉପରେ ଉପସ୍ଥିତ ସରପଞ୍ଚ, ସମିତିସଭ୍ୟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଦାଶରଥି ଜେନା, ଏବିଡିଓ ଭଞ୍ଜକିଶୋର ନାୟକ, ଜୟଭାରତୀ ସାଥୀ ସମାଜର ସମ୍ପାଦକ ନିରଞ୍ଜନ ସାହୁ, ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ପାଇଁ ବିଭିନ୍ନ ଯୋଜନା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୨୬ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

### ଫେରି ବ୍ୟବସାୟୀ ନିଖୋଜ ଅଭିଯୋଗ

ପାରାଦୀପ,୨।୯(ଶରତ ରାଉତ)

ପାରାଦୀପ ଲକଥାନା ଅଞ୍ଚଳରେ ଗତ ଶୁକ୍ରବାର ଠାରୁ ଜଣେ ଫେରି ବ୍ୟବସାୟୀ ନିଖୋଜ ଥିବା ଶନିବାର ଅଭିଯୋଗ ହୋଇଛି। ସେ ହେଲେ କେନ୍ଦ୍ରାପଡା ଜିଲା ମାର୍ଶାଘାଇରେ ଭଡାରେ ରହୁଥିବା ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ସେକ୍ ଅହମ୍ମଦହୁଲ୍ଲାଙ୍କ ସମ୍ପର୍କୀୟ ପୁତୁରା ଡାନିଅର ଅଲ୍ଲୀ(୨୦)। ଅହମ୍ମଦ ଗତ ସପ୍ତାହରେ ଡାନିଅରଙ୍କୁ ଆଣି ପାଖରେ ରଖିଥିଲେ। ଅପରପକ୍ଷେ ଅହମ୍ମଦ ଫେରି ବ୍ୟବସାୟ(ମଶାରି, ବେଡ୍‌ଶିଟ) କରିବାକୁ ବିଭିନ୍ନ ସ୍ଥାନ ଯାତ୍ରା କରିଥାନ୍ତି। ଶୁକ୍ରବାର ୨ ଜଣ ପାରାଦୀପ ଆସିଥିଲେ। ପୁତୁରା ଡାନିଅର ଲକ୍‌ଥାନା ଅନ୍ତର୍ଗତ ଶନିମନ୍ଦିର ପାଖରେ ଓହ୍ଲାଇ ବେପାର କରିବାକୁ ଯାଇଥିଲେ। ଅହମ୍ମଦ ପାରାଦୀପ କଲୋନୀ ଅଞ୍ଚଳରେ ବେପାର ସାରି ସନ୍ଧ୍ୟାରେ ଫେରିବା ପରେ ପୁତୁରା ଡାନିଅରଙ୍କୁ ପାଇ ନ ଥିଲେ। ମୋବାଇଲରେ ଯୋଗାଯୋଗ କରିବାରୁ ତାହା ବନ୍ଦ ଥିଲା। ୨ ଦିନ ଖୋଜିବା ପରେ ନିରାଶ ହୋଇ ଥାନାରେ ଅଭିଯୋଗ କରିଛନ୍ତି।

### ଛାତ୍ରୀଛାତ୍ରଙ୍କୁ କିଡ୍‌ସ ଅଲିମ୍ପିଆଡ ପୁରସ୍କାର

ପାରାଦୀପ,୨।୯(ଶରତ ରାଉତ)

ପାରାଦୀପ ବେଥାନୀ କନଭେଣ୍ଟ ସ୍କୁଲରେ ଶନିବାର ଛାତ୍ରୀଛାତ୍ରଙ୍କୁ କିଡ୍‌ସ ଅଲିମ୍ପିଆଡ ପୁରସ୍କାର ପ୍ରଦାନ କରାଯାଇଛି। ଅଲମ୍ପିଆର୍ଡ ସମ୍ପାଦିକା ସସ୍ମିତା ହୋତା, ଅଧ୍ୟକ୍ଷ ଜୀବନ୍ତ କୁମାର ନାୟକ, ପରିଚାଳକ ନୀହାର ରଞ୍ଜନ ପରିଚ୍ଛା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଣ୍ଣ ପଦକ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ମକର ଦାସଙ୍କ ସ୍ମୃତିଚାରଣ ସଭା



ସ୍ମୃତି ଚାରଣ ସଭାରେ ଅତିଥିମାନେ ‘ସଂଗ୍ରାମ ସଙ୍କେତ’ ବିଶେଷାଙ୍କକୁ ଉନ୍ମୋଚିତ କରୁଛନ୍ତି।

ଡେରାବିଶ, ୨।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାର ସ୍ୱାଧୀନତା ସଂଗ୍ରାମୀ ମକର ଦାସଙ୍କ ଦ୍ୱାଦଶାହ ଅବସରରେ ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ହାଟବାଣପୁର ଗାଁରେ ଶନିବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ତୁଷାରକାନ୍ତି ଘୋଷ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ବିମ୍ବାଧର ମୁଦୁଲି, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡ଼ା, ଗବେଷକ ଡ. ବାସୁଦେବ ଦାସ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଭାଜପା ନେତା ତେଜେଶ୍ୱର ପରିଡ଼ା, ସାମାଜିକ କର୍ମୀ ରାଜେଶ ପଣ୍ଡା, ପୂର୍ବତନ ସରପଞ୍ଚ ଅମୃତରାଜ ବେହେରା, ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଗ୍ରାମୀ ମକର ଦେଶମାତୃକା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ନିଜକୁ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଭାବେ ପ୍ରତିଷ୍ଠାଲାଭ କରିଥିଲେ ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୟାଧର ଧଳ, ସଞ୍ଜୟ ଜେନା, ଶରତ ଚନ୍ଦ୍ର ପ୍ରଧାନଙ୍କ ସମେତ କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର ଓ କଟକ ଜିଲାର ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନେ ଯୋଗଦେଇଥିଲେ। ପ୍ରଥମେ ମକରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗାନ୍ଧିଜୀଙ୍କ ପ୍ରିୟ ରାମଧୁନ୍ ଓ ପ୍ରିୟ ଭଜନ ପରିବେଷଣ କରାଯାଇଥିଲା। ଏହିଅବସରରେ ସଂଗ୍ରାମୀ ମକରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶିତ ଏକ ବିଶେଷାଙ୍କ ‘ସଂଗ୍ରାମ ସଙ୍କେତ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## କ୍ୟାନ୍‌ସର ପୀଡ଼ିତଙ୍କୁ ଡ୍ରାଇଭର ମହାସଂଘର ସହାୟତା

ରାଜକନିକା,୨।୯(ସଞ୍ଜୟ କୁମାର ଦାଶ)

ଓଡ଼ିଶା ଡ୍ରାଇଭର ମହାସଂଘ ରାଜକନିକା ଶାଖାର କର୍ମକର୍ତ୍ତାମାନେ ଶନିବାର କ୍ୟାନସରରେ ପୀଡ଼ିତ ଜଣେ ଡ୍ରାଇଭରଙ୍କୁ ତାଙ୍କୁ ଘରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ବ୍ଲକ ଅଧୀନ ନହୁଣି ପଞ୍ଚାୟତ ଅମୃତପୁର ଗାଁର ଡ୍ରାଇଭର ଅଜୟ କୁମାର ବାରିକ(୫୭) କିଛିଦିନ ହେବ ଗଳା କ୍ୟାନସରରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଘରେ ରହୁଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଭାବେ ଡ୍ରାଇଭିଂ କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେ କ୍ୟାନସରରେ ପୀଡିତ ହେବା କଥା ଜାଣିବା ପରେ ପରିବାରର ସମସ୍ତେ ସଦସ୍ୟ ଭାଙ୍ଗି ପଡ଼ିଛନ୍ତି। ଖବରପାଇ ଓଡ଼ିଶା ଡ୍ରାଇଭର ମହାସଂଘ, ରାଜକନିକା ଶାଖା ପକ୍ଷରୁ ଅଜୟଙ୍କ ଅମୃତପୁରସ୍ଥିତ ବାସଭବନରେ ଡ୍ରାଇଭର ଭାଇମାନେ ପହଞ୍ଚି ଆଶୁ ଆରୋଗ୍ୟ କାମନା କରିବା ସହ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଔଷଧ ଖର୍ଚ୍ଚ ପାଇଁ ୩୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଡ୍ରାଇଭର ମହାସଂଘର ସଭାପତି ରାଜକିଶୋର ଜେନା, ସମୀର ମଲିକ, ଶ୍ରୀହରି ମଣ୍ଡଳ, ସୁବ୍ରତ ମଲିକ,ଏସ୍ କେ ଆରମାନ୍ ଖାଁଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଓ ସଭ୍ୟ ଡ୍ରାଇଭର ଭାଇମାନେ ଉପସ୍ଥିତ ଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ରାଜକନିକା,୨।୯(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ଇଚ୍ଛାପୁର-ଦେଓଗାଁ ମଧ୍ୟସ୍ଥଳରେ ଥିବା ମା’ ଇଚ୍ଛାବତୀ ମନ୍ଦିର ନିକଟ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ଦେଓଗାଁର ଚେମେଇ ମିକିଙ୍କ ପୁଅ କୈଳାସ(୪୭) କେଉଁ ଆଡ଼େ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକ, ପଡୋଶୀ ଓ ଗ୍ରାମବାସୀ ଅନେକ ଖୋଜା ଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳୁ ଗାଁର କେତେଜଣ ଲୋକ ଶୌଚ ହେବାକୁ ପୋଖରୀକୁ ଆସି କୈଳାସଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ରାଜକନିକା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଓ ବଳରାମପୁର ସରପଞ୍ଚଙ୍କ ପ୍ରତିନିଧି ଭାବେ ଉଦୟନାଥ ବେହୁରା ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ କୈଳାସଙ୍କ ମୃତଦେହ ଉଦ୍ଧାର କରିଥିଲେ। ତେବେ କୈଳାସଙ୍କର ଏପରି ଅକାଳ ବିୟୋଗରେ ପରିବାର ଓ ଗାଁରେ ରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁର କାରଣ ଜଣା ପଡି ନ ଥିବା ବେଳେ ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ମେଧାବୃତ୍ତି ସମ୍ମାନ ସମାରୋହ

ରାଜନଗର, ୨।୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ହାରାମଣି ବିଶ୍ୱାଳ ଫାଉଣ୍ଡେଶନ ପକ୍ଷରୁ ଦ୍ୱିତୀୟ ହାରାମଣି ବିଶ୍ୱାଳ ମେଧାବୃତ୍ତି ସମ୍ମାନସମାରୋହ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ନଳିନୀ ରଞ୍ଜନ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସ୍ୱର୍ଗତ ହାରାମଣିଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲୀପ କୁମାର ଭୂୟାଁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଗାଳ୍ପିକ ପ୍ରଦୀପ ନାୟକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜନଗର ଶାଖାର ମ୍ୟାନେଜର ବିଶ୍ୱ ପ୍ରକାଶ ସାମଲ, ଶିକ୍ଷାବିତ୍ ପ୍ରସନ୍ନ କୁମାର ଦାସ, ଭାଗବତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ବରଦାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ହାରାମଣି ଫାଉଣ୍ଡେସନର ସଭାପତି ବିଭୂତି ନାରାୟଣ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କବି ପ୍ରମୋଦ କୁମାର ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ଲିଖନରେ ଗାଳ୍ପିକ ପ୍ରଦୀପ ନାୟକ ଓ ହେମନ୍ତ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସର୍ବେଶ୍ୱର ବଳ, ହିମାଂଶୁ ମହାନ୍ତି, ଅମର ନାୟକ, ବସନ୍ତ କୁମାର ପ୍ରଧାନ, ବିରଞ୍ଚି ନାରାୟଣ ବିଶ୍ୱାଳ, ଶୁଭେନ୍ଦୁ ଓଝା ପ୍ରମୁଖ ପରିଚାଳନା କରିଥିବା ବେଳେ ଆୟୋଜକ ବୈବର୍ତ୍ତ ନାରାୟଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



କୃତୀ ଛାତ୍ରଙ୍କୁ ବିଧାୟକ ଧ୍ରୁବ ସାହୁ ପୁରସ୍କୃତ କରୁଛନ୍ତି।

## କୋଦାନଗରୀ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଶିଳାନ୍ୟାସ



କୋରୁଆ ମହିଳା ମହାବିଦ୍ୟାଳୟ ଶିଳାନ୍ୟାସ ପର୍ବରେ ସଞ୍ଜୟ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ।

ପାଟକୁରା,୨।୯(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ କୋଦାନଗରୀ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ମଞ୍ଜୁର କରିଥିବା ୧୫ ଲକ୍ଷ ଟଙ୍କାର ପ୍ରକଳ୍ପ ଲାଗି ଶିଳାନ୍ୟାସ କରାଯାଇଛି। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ସେହିପରି କୋରୁଆ ଓ ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟର ରୂପାନ୍ତରଣ ପାଇଁ ୫-ଟି ମାଧ୍ୟମରେ ମଞ୍ଜୁର ହୋଇଥିବା ୧ କୋଟି ଟଙ୍କାର ପ୍ରକଳ୍ପ ପାଇଁ ମଧ୍ୟ ଶିଳାନ୍ୟାସ କରାଯାଇଥିଲା। ଏହି ଅନୁଦାନରେ ଶ୍ରେଣୀକକ୍ଷ ସମେତ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ କରାଯିବା ଫଳରେ ଅଧ୍ୟୟନରତ ଛାତ୍ରୀ ବିଶେଷ ଉପକୃତ ହେବେ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ତାଙ୍କ ସହ ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ରାଉତ ଓ ବ୍ଲକ ବିଜେଡି ସଭାପତି ଶଶାଙ୍କ ପରିଡ଼ାଙ୍କ ସମେତ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଜିଲାରେ ପୁଷ୍ଟିକର ଖାଦ୍ୟ ଯୋଗାଣ ନିମ୍ନମାନର

**ଏକାଧିକ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ**

ଜଗତ୍‌ସିଂହପୁର, ୨।୯
(ପ୍ରମୋଦ କୁମାର ନାୟକ)

ଜଗତସିଂହପୁର ଜିଲାର ପାଖାପାଖି ୩୧,୪୬୭ ଶିଶୁ, ୨୨୮ ଦୁର୍ବଳ ଶିଶୁ, ୧୦,୩୫୧ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଇଦିଆଯାଉଥିବା ନେଇ ସରକାରୀ ଭାବେ ଦର୍ଶାଯାଉଛି। ବାସ୍ତବରେ କିନ୍ତୁ ପ୍ରତ୍ୟେକଙ୍କ ପାଖରେ ଏହା ପହଞ୍ଚିପାରୁନାହିଁ। ଏହାବାଦ୍ ଖାଦ୍ୟ ପରିମାଣ ଏବଂ ମାନ କମ୍ କରାଯାଇ ବାର୍ଷିକ ଏକାଧିକ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଲୁଚି ରହିଥିବା ରହସ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି।

ଅତୀତରେ ଏହି ଯୋଜନାରେ ଯୋଗାଇ ଦିଆଯାଉଥିବା ଡାଲି ଏବଂ ଚାଉଳରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଏହାକୁ ଏଡ଼ାଇବା ପାଇଁ ରାଜ୍ୟ ସରକାର ୨୦୧୧ରୁ ଛତୁଆ ଯୋଗାଇ ଆସୁଛନ୍ତି। କିନ୍ତୁ ଏଥିରେ କୌଣସି ସୁଧାର ଆସୁନାହିଁ । ଜଗତ୍‌ସିଂହପୁର ଜିଲାର ୮ଟି ବ୍ଲକରେ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଏହି ପୁଷ୍ଟିକର ଖାଦ୍ୟ ଯୋଗାଇ ଆସୁଛନ୍ତି। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବଣ୍ଟନର ସୁବିଧା ଦୃଷ୍ଟିରୁ ଭିନ୍ନଭିନ୍ନ ରଙ୍ଗର ପ୍ୟାକେଟ୍‌ରେ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଛତୁଆ ଯୋଗାଇ ଦିଆଯାଉଛି। କିନ୍ତୁ ନିର୍ଦ୍ଦିଷ୍ଟ କେତେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦ୍ ଦେଲେ ଅଧିକାଂଶ ଗୋଷ୍ଠୀର ଲାଭଖୋର ମନୋଭାବ ଯୋଗୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ଛତୁଆ ପ୍ରସ୍ତୁତକାରୀ ସଂସ୍ଥାଗୁଡିକ ଓଜନରେ ଅର୍ଥାତ୍ ମାସିକ ଲକ୍ଷାଧିକ ପ୍ୟାକେଟ୍ ଛତୁଆରେ ସିଧାସଳଖ ବାଟମାରଣା କରୁଛନ୍ତି। ଏବାବଦରେ ବାର୍ଷିକ ବହୁ ଟଙ୍କାର ବାଟମାରଣା ହେଉଛି। କେବଳ ଓଜନରେ ନୁହେଁ, ଗୁଣାତ୍ମକ ମାନରେ ମଧ୍ୟ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଗହମ, ବୁଟ, ଚିନାବାଦାମ ଏବଂ ଚିନିର ଭାଗ ଠିକ୍ ରହୁନି। ସରକାରୀ ଭାବେ ଏସ୍‌ଏଚ୍‌ଜିଗୁଡ଼ିକୁ କିଲୋଗ୍ରାମ ପିଛା ୨ ଟଙ୍କା ଦରରେ ଗହମ ଯୋଗାଣ ହେଉଛି। ବଜାରରେ ଏହା ଉପଲବ୍ଧ ହେଉ ନ ଥିବା ବେଳେ ଯେଉଁଠି ମିଳୁଛି ଅଧିକ ଦରରେ ବିକ୍ରି ହେଉଛି। ଫଳରେ ଏହାର ଚାହିଦା ଅଧିକ ରହୁଛି। ଏହାର ସୁଯୋଗରେ ଗୋଷ୍ଠୀଗୁଡିକ ବର୍ଦ୍ଧିତ ଦରରେ ଗହମ ବିକି ବେଶ ଲାଭବାନ ହେଉଛନ୍ତି। ଏଥିସହ ଚିନି, ବୁଟ ଏବଂ ଚିନାବାଦାମ ବାବଦରେ ବାର୍ଷିକ ପାଖାପାଖି ଏକାଧିକ କୋଟି ଟଙ୍କାର ହେରଫେର ହେଉଛି। ଜିଲାରେ ଏକାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦୀର୍ଘ ବର୍ଷ ଧରି ଛତୁଆ ଯୋଗାଇ ଆସୁଛନ୍ତି । ପ୍ରକୃତରେ ଦେଖିବାକୁ ଗଲେ ଏହି ଏସ୍‌ଏଚ୍‌ଜି ନାମରେ ଅନେକ ପ୍ରଭାବଶାଳୀ ଲୋକ ଏହାକୁ ନିୟନ୍ତ୍ରଣ କରୁଛନ୍ତି । ସେମାନେ ବିଭାଗୀୟ ଅଧିକାରୀମାନଙ୍କ ସହ ବୁଝାମଣା କରି ମନଇଚ୍ଛା କାରବାର ଚଳାଇଛନ୍ତି । ଅତୀତରେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟମାନେ ଏହି ପ୍ରସଙ୍ଗ ଉଠାଇ ହୋହଲ୍ଲା କରିଥିଲେ। ସେମାନେ କହିଥିଲେ, ବର୍ଷାଧିକ କାଳହେବ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଛତୁଆ ଉତ୍ପାଦନ ଏବଂ ଯୋଗାଣ ଦାୟିତ୍ୱ ଦିଆଯାଇଛି। ମାତ୍ର ଏଗୁଡିକର ମାନ ନିର୍ଦ୍ଧାରଣ କିମ୍ବା ତଦାରଖ ହେଉ ନାହିଁ । କେବଳ ଛତୁଆ ଯୋଗାଉଥିବା ଏସ୍‌ଏଚ୍‌ଜିଗୁଡ଼ିକର ଅବଧି ପ୍ରତିବର୍ଷ ନବୀକରଣ କରାଯାଉଛି । ଏଥିସହ ପ୍ରତି ମାସରେ ଷ୍ଟେଟ୍ ଲାବୋରେଟୋରିକୁ ସାମ୍ପଲ ପରୀକ୍ଷା ପାଇଁ ପଠାଯାଉଛି କି ନାହିଁ ଜଣାପଡୁନାହିଁ। ଏହାଦ୍ୱାରା ଶିଶୁ, ଗର୍ଭବତୀ ଏବଂ ପ୍ରସୂତିଙ୍କ ସହ ଖେଳ ଖେଳାଯାଉଛି। ତେଣୁ ପ୍ରତି ପଞ୍ଚାୟତରେ ଷ୍ଟାଣ୍ଡିଂ କମିଟି ଗଠନ କରାଯାଉ। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନମିତା ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ସେ କାର୍ଯ୍ୟରେ ନୂଆକରି ଯୋଗଦେଇଛନ୍ତି। ତେବେ ଅଭିଯୋଗଗୁଡ଼ିକ ଉପରେ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପ୍ରକାଶଥାଉ କି, ମାନରେ କୌଣସି ବ୍ୟତିକ୍ରମ ହେଲେ ସମ୍ପୃକ୍ତ ଗୋଷ୍ଠୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ଲକରୁ ଜିଲାସ୍ତର ପର୍ଯ୍ୟନ୍ତ ୪ ପର୍ଯ୍ୟାୟରେ ତଦାରଖ କରିବା ପାଇଁ କମିଟି ଗଠନ କରାଯାଇଛି। ଏହାସତ୍ତ୍ୱେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ଯୋଜନା ବାସ୍ତବ ଲକ୍ଷ୍ୟଠାରୁ ଦୂରେଇ ଯାଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ଟ୍ରାନ୍ସଫର୍ମର ନିକଟରେ ଫଟା ପାଇପରୁ ପାଣି ନିର୍ଗତ



ଖଣ୍ଡପଡ଼ା,୨।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାରୁ ବନମାଳୀପୁରକୁ ସଂଯୋଗ କରୁଥିବା ନୂତନ କୁସୁମୀ ସେତୁ ନିକଟସ୍ଥ ମାଳବନ୍ଧ ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାର୍ଶ୍ୱ ଦେଇ ପାନୀୟ ଜଳ ଯୋଗାଣ ପାଇପ ମାଟି ତଳେ ଯାଇଛି। ତେବେ ଜଳ ଯୋଗାଣ ସମୟରେ ଫଟା ପାଇପରୁ ପାଣି ବାହାରି ଆଖପାଖ ଅଞ୍ଚଳକୁ ପଡୁଛି। ଫଟା ପାଇପ ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ଥିବାରୁ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଉକ୍ତ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ମଧ୍ୟ ଅନାବନା ଗଛ ଲତା ମାଡ଼ି ରହିଛି। ଫଟା ପାଇପରେ ଜଳ ଯୋଗାଣ ଯୋଗୁଁ ପାନୀୟ ଜଳର ମଧ୍ୟ ଅଯଥା ଅପଚୟ ହେଉଛି। ଏଥିପ୍ରତି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ, ବନମାଳୀପୁର ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡା ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ଇଂ. ଆଦିତ୍ୟ ପ୍ରସାଦ ଦାଶଙ୍କୁ ପଚାରିବାରେ ଏ ଦିଗରେ ସେ ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି।

### ପ୍ରତୀକ୍ଷା ପରେ ବର୍ଷା, ଚାଷୀ ଆଶ୍ୱସ୍ତ

ଖଣ୍ଡପଡ଼ା,୨।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳର ୭୦ ଭାଗ ଚାଷୀ ଧାନ ଚାଷ ଉପରେ ନିର୍ଭର କରି ପରିବାର ପତିପୋଷଣ କରନ୍ତି। ଧାରା ଶ୍ରାବଣ ମାସରେ ମୁଣ୍ଡଫଟା ଖରା ଏବଂ ନିଅଣ୍ଟିଆ ବର୍ଷା ଚାଷୀମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିଲା। ଚାଷୀମାନଙ୍କ ମଧ୍ୟରେ ମରୁଡି ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ଦୀର୍ଘ ୨୫ ଦିନର ବ୍ୟବଧାନ ପରେ ଶୁକ୍ରବାର ସନ୍ଧ୍ୟାରୁ ବର୍ଷା ଲାଗି ରହିଥିବା ବେଳେ ଶନିବାର ଦିବା ୧୧ ଘଣ୍ଟାଠାରୁ ଖଣ୍ଡପଡା ଓ ଏହାର ଆଖ ପାଖ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଥିବାରୁ ଚାଷବାସ କାର୍ଯ୍ୟରେ ଚାଷୀମାନେ ଲାଗି ପଡିଛନ୍ତି। ବର୍ଷା ଫଳରେ ଚାଷୀକୂଳ ଆଶ୍ୱସ୍ତି ଲାଭ କରିଛନ୍ତି। ଅଧିକ ବର୍ଷାର ପ୍ରଭାବ ନ ରହିଲେ ଚଳିତବର୍ଷ ଧାନ ଫସଲ ଉଜୁଡି ଯିବ ବୋଲି ଅନେକ ଚାଷୀ ମତ ଦେଇଛନ୍ତି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୨।୯( ଦ୍ୱିତୀକୃଷ୍ଣ ପଣ୍ଡା )

ହିଞ୍ଜିଳି ବାବାଜୀ ପୋଖରୀରେ ବୁଡି ଶନିବାର ସ୍ଥାନୀୟ ପୌରାଞ୍ଚଳ ୨ ନମ୍ବର ୱାର୍ଡ ମଠପଦର ସାହିର ଚିନ୍ତାମଣି ପଣ୍ଡା (୩୦)ଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବାହିନୀ କର୍ମଚାରୀମାନେ ପୋଖରୀରୁ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ନଂ .୧୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ଜବତ କରିଛି। ରବିବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯିବ ବୋଲି ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ଆସିକା,୨।୯(ସୁରେନ୍ଦ୍ର ନାଥ ସାହୁ)

କୋଦିନଡା ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ଗ୍ରାମରେ ଶୁକ୍ରବାର ରାତିରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସେହି ଗ୍ରାମର ଜି. ଜୀବନ ପାତ୍ର (୨୫)। ନିଜ ଘରର ଏକ କଠୋରୀରେ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ଜି. ଭାନୁ କୋଦିନଡା ଥାନାରେ ଅଭିଯୋଗ କରିଛନ୍ତି। ପାରିବାରିକ କନ୍ଦଳକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ମୃତ ଦେହକୁ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା କହିଛନ୍ତି।

# ଠାକୁରାଣୀଙ୍କ ଜମିର ପ୍ରାପ୍ୟ ପ୍ରଦାନ କରୁନାହାନ୍ତି ଦଖଲକାରୀ

## ଏସ୍‌ପିଙ୍କୁ ପତ୍ର ଲେଖିଲେ ତହସିଲଦାର

ଖଣ୍ଡପଡ଼ା,୨।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧୀନ ଦରଦା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହିଷାଶୁଣୀ ମନ୍ଦିର ସମ୍ପତ୍ତି ଜବରଦଖଲକାରୀ କବ୍‌ଜାରେ ରହିଛି। ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଅଧୀନରେ ଏହି ମନ୍ଦିରଟି ଥିବା ବେଳେ ବାରମ୍ବାର ତାଗିଦ୍ ଓ ଲିଖିତ ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟ ଜବରଦଖଲକାରୀମାନେ ପ୍ରତିବର୍ଷ ଠିକ୍ ଭାବେ ଦେୟ ପୈଠ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରିଣୀ ତଥା ତହସିଲଦାର ଲିପ୍ସା ରାୟ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ସମ୍ପୃକ୍ତ ପୋଲିସ କର୍ତ୍ତୃପକ୍ଷ ଏ ଦିଗରେ ଉଦାସୀନତା ପ୍ରକାଶ କରୁଥିବାରୁ ତହସିଲଦାର ରାୟ ଏବେ ନୟାଗଡ଼ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଅଧୀନରେ ଥିବା ବିଭିନ୍ନ ଦେବଦେବୀ ମନ୍ଦିର ପରିଚାଳନା ପାଇଁ ରାଜରାଜୁଡା ଅମଳରୁ ବହୁ ଜମି ଖଞ୍ଜା ଯାଇଛି। ପ୍ରତିମାସରେ ବିଧି ବ୍ୟବସ୍ଥା କ୍ରମେ ଆର୍ଥିକ ବ୍ୟବସ୍ଥା ରହିଛି। ମାତ୍ର ଉକ୍ତ ଜମିରୁ ଉତ୍ପାଦିତ ହେଉଥିବା ଶସ୍ୟ କିମ୍ବା ଏ ବାବଦ ଅର୍ଥ ଠିକ୍ ସମୟରେ ଦେବୋତ୍ତର ବିଭାଗକୁ ପ୍ରଦାନ କରାଯାଉ ନ ଥିବାରୁ ପୂଜା ନୀତିରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ତେବେ ଖଣ୍ଡପଡ଼ା ତହସିଲ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତସ୍ଥ ଦରଦା ମହିଷାଶୁଣୀ ମନ୍ଦିର ପାଇଁ ପ୍ରାୟ ୪୦ ଏକରରୁ ଊର୍ଦ୍ଧ୍ୱ ଜମି ଖଞ୍ଜା ରହିଥିବା ବେଳେ ୫ଟି ପୋଖରୀ ମଧ୍ୟ ରହିଛି। ରାଜରାଜୁଡା ଅମଳରୁ ପ୍ରତିଷ୍ଠିତ ଏହି ଶକ୍ତିପୀଠରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ପୋଖରୀଗୁଡିକୁ ନିଲାମ ନେଇ ମାଛ ଚାଷ କରୁଥିବା ବ୍ୟକ୍ତିମାନେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟାଳୟରେ ଦେୟ ପୈଠ କରିବାର ନିୟମ ରହିଛି। ମାତ୍ର ଜମି ଓ ପୋଖରୀକୁ ଅକ୍ତିଆର କରିଥିବା ବ୍ୟକ୍ତିମାନେ ଠିକ୍ ଭାବେ ଦେୟ ପୈଠ କରୁ ନ ଥିବାରୁ ମନ୍ଦିର ପରିଚାଳନାରେ ଗୁରୁତର ସମସ୍ୟା ସୃଷ୍ଟି ହେବା ସହ ଠାକୁରାଣୀଙ୍କ ନୀତିକାନ୍ତିରେ ବିଭ୍ରାଟ ଦେଖାଦେଇଛି। ଏପରିକି ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରିଣୀ ତଥା ତହସିଲଦାର ଲିପ୍ସା ରାୟ ବାରମ୍ବାର ଏ ସମ୍ପର୍କରେ ସେମାନଙ୍କୁ ତାଗିଦ୍ କରିବା ସହ ଦଖଲକାରୀଙ୍କ ନିକଟକୁ ନୋଟିସ୍ ପଠାଇଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଜଣାପଡ଼ିଛି। ତେବେ ମନ୍ଦିରର ସମ୍ପତ୍ତି ଦଖଲ କରିଥିବା ସ୍ଥାନୀୟ ଅଞ୍ଚଳର ଗଦାଧର ବଳିଆଙ୍କ ନାମରେ ୪୫, ୮୭୦ ଟଙ୍କା ରହିଥିବା ବେଳେ ଅନ୍ୟ ଜଣେ ବାସିନ୍ଦା ପ୍ରଫୁଲ୍ଲ ନାୟକଙ୍କ ନାମରେ ୬, ୩୭୦ ଟଙ୍କା ଖାତାରେ ଗଡୁଥିବା ବେଳେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟାଳୟରେ ବକେୟା ଅର୍ଥ ପୈଠ ନକରି ବର୍ଷ ପରେ ବର୍ଷ ଗଡାଇ ଚାଲିଛନ୍ତି ବୋଲି ଦେବୋତ୍ତର କାର୍ଯ୍ୟନିର୍ବାହୀ ରାୟ କହିଛନ୍ତି। ଠାକୁରାଣୀଙ୍କ ଜାଗାକୁ ଦୀର୍ଘବର୍ଷ ଧରି ଜବରଦଖଲରେ ରଖିଥିବା ବେଳେ ଉକ୍ତ ୨ ଜଣଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାର ରାୟ ଜୁନ ୧୨ରେ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ଠାକୁରାଣୀଙ୍କ ପ୍ରାପ୍ୟ ପ୍ରଦାନରେ ଅବହେଳା କରୁଥିବା ଜଣାପଡ଼ିଛି। ଏ ନେଇ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରିଣୀ ରାୟ ଏସ୍‌ପି ଓ ଏସ୍‌ଡିପିଓଙ୍କୁ ଲିଖିତ ଭାବେ ଜଣାଇଥିବା ଦେବୋତ୍ତର ମ୍ୟାନେଜର ଗୋବିନ୍ଦଚନ୍ଦ୍ରପଟ୍ଟନାୟକସୂଚନାଦେଇଛନ୍ତି।

# ବଜ୍ରପାତରେ ଜଣେ ଆହତ, ଭୁଶୁଡ଼ିଲା ଘର ପାଣି ଟାଙ୍କି



ବଜ୍ରପାତରେ ପାଣି ଟାଙ୍କି ଭାଙ୍ଗି ଯାଇଛି।

ନୂଆଗାଁ, ୨।୯ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ମହିପୁର ଅଞ୍ଚଳରେ ଶନିବାର ବଜ୍ରପାତ ଘଟି ଜଣେ ଯୁବକ ଆହତ ହୋଇଥିବା ବେଳେ ଗୋଟିଏ ଘରର ପାଣି ଟାଙ୍କି ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ବ୍ଲକର ବଡ଼ଗୋଠ ପଞ୍ଚାୟତ ରାଧାନାଥପୁର ଗ୍ରାମର ବିଜୟ କୁମାର ବାରିକ(୩୬) ଶୌଚ ହେବା ପାଇଁ ବାଡିପଟେ ଯାଇଥିବା ବେଳେ ବଜ୍ରପାତ ହେବାରେ ତାଙ୍କ ଦେହରେ ଆଂଶିକ ଭାବେ ବାଜିଥିଲା। ଫଳରେ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସା ପରେ ପରିବାର ଲୋକେ ଘରକୁ ଆଣିଛନ୍ତି। ସେହିପରି ଡିମିରିଝରୀ ଗ୍ରାମରେ ବଜ୍ରପାତ ଘଟି ସରୋଜ କୁମାର ସ୍ୱାଇଁଙ୍କ ଛାତ ଉପରେ ଇଟା ସିମେଣ୍ଟରେ ତିଆରି ହୋଇଥିବା ପାଣି ଟାଙ୍କି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତେବେ ବଜ୍ରାପାତ ହେବା ପରେ ବିଦ୍ୟୁତ ନ ଥିବା ବେଳେ ଘରର ଆଉ କ'ଣ କ୍ଷତି ଘଟିଛି ତାହା ଜଣାପଡ଼ୁନାହିଁ। ବିଦ୍ୟୁତ୍ ଆସିଲା ପରେ ଯାହା କିଛି ଜଣାପଡ଼ିବ।

# ହରିୟାଣାରେ ଆଶାକର୍ମୀଙ୍କ ଗିରଫକୁ ବିରୋଧ କରି ରଣପୁରରେ ବିକ୍ଷୋଭ




ଆଶାକର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ରଣପୁର ୨।୯ (ସୁକାନ୍ତ କିଶୋର ଡାକୁଆ)

ଓଡ଼ିଶା ଆଶା କର୍ମୀ ଆସୋସିଏଶନ, ସିଆଇଟିୟୁ ନୟାଗଡ଼ ଜିଲା ରଣପୁର ବ୍ଲକ କମିଟି ପକ୍ଷରୁ ରଣପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହରିୟାନାରେ ବିଧାନସଭା ସମ୍ମୁଖରେ ଆଶାକର୍ମୀଙ୍କ ଆନ୍ଦୋଳନ ପୂର୍ବରୁ ଆଶା ନେତୃତ୍ୱଙ୍କୁ ହରିୟାନା ପୋଲିସ ଅନ୍ୟାୟ ଭାବେ ଆଗୁଆ ଗିରଫ କରିଥିବାରୁ ବକ୍ତାମାନେ ତୀବ୍ର ନିନ୍ଦା କରିଥିଲେ। ରାଜ୍ୟରେ ଭାଜପାର ମନୋହର ଲାଲ କଟ୍ଟର ସରକାର ଆଶା କର୍ମୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହେବାରୁ ଏହାର ପ୍ରତିବାଦ କରି ଅଗଷ୍ଟ ୮ରୁ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ପାଇଁ ଜଣାଇଥିଲେ। ଆନ୍ଦୋଳନ ପୂର୍ବରୁ ହରିୟାନାର ପୋଲିସ ଆନ୍ଦୋଳନକୁ ଭଣ୍ଡୁର କରିବାର ଲକ୍ଷ୍ୟ ରଖି ଆଶା କର୍ମୀମାନଙ୍କ ନେତୃତ୍ୱ ନେଉଥିବା କର୍ମୀଙ୍କୁ ଆଗୁଆ ଗିରଫ କରିଥିଲେ। ଭାଜପା ସରକାର ଓ ପୋଲିସର ଏଭଳି ମାତ୍ରାଧିକ ଓ ଅଗଣତାନ୍ତ୍ରିକ ପଦକ୍ଷେପକୁ ସଙ୍ଗଠନ ପକ୍ଷରୁ ତୀବ୍ର ନିନ୍ଦା କରା ଯାଇଥିଲା। ହରିୟାନା ସରକାର ଗିରଫ କରିଥିବା ଆଶା କର୍ମୀ ଓ ଶ୍ରମିକ ନେତୃତ୍ୱମାନଙ୍କୁ ତୁରନ୍ତ ମୁକ୍ତ କରିବା ସହ ଆଶା କର୍ମୀଙ୍କ ଦାବିଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସଙ୍ଗଠନ ପକ୍ଷରୁ ଦାବୀ କରାଯାଇଛି। ଏଥିସହ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ହରିୟାନା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶ୍ରମିକ ନେତା ସୁରେଶ ସ୍ୱାଇଁ, ବ୍ଲକ ସମ୍ପାଦିକା ସ୍ମୃତିରେଖା ସେନାପତି, ସବିତା ପରିଡା, ଶ୍ରମିକ ନେତ୍ରୀ ସଞ୍ଜୁକ୍ତା ସେଠୀ ଓ ସବ୍ୟସାଚୀ ସେନାପତି ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ରଣପୁରର ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଶା କର୍ମୀ ଏଥିରେ ଯୋଗ ଦେଇ ଆଲୋଚନା କରିଥିଲେ।

## ୨ଟି କାଠ ବୋଝେଇ ଟ୍ରାକ୍ଟର ଜବତ, ଉଭାନ

### ସନ୍ଦେହଘେରରେ ବନ ବିଭାଗର କାର୍ଯ୍ୟ



ନୟାଗଡ଼,୨।୯(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ପଞ୍ଚରିଡା ଫରେଷ୍ଟ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଶିମିଳି ଅଞ୍ଚଳରେ ଚଢ଼ାଉ କରି ୨ଟି କାଠ ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଗୋଟିଏ ଟ୍ରାକ୍ଟର କାର୍ଯ୍ୟାଳୟକୁ ଅଣାଯାଇଥିଲା। ଅନ୍ୟ ଏକ ଟ୍ରାକ୍ଟର ଅଫିସକୁ ଆସୁଥିଲା। ତେବେ ବନ ବିଭାଗ ପକ୍ଷରୁ ୨ଟି ଯାକ କାଠ ବୋଝେଇ ଟ୍ରାକ୍ଟର ଛାଡି ଦେବା ପରେ ସନ୍ଦେହ ସୃଷ୍ଟି ହୋଇଛି। ସ୍ଥାନୀୟ ଜଙ୍ଗଲରୁ ବିଭିନ୍ନ କଞ୍ଚା ଗଛ କଟାଯାଇ ଟ୍ରାକ୍ଟରରେ ଚାଲାଣ ହେଉଥିଲା। ବିଭିନ୍ନ ସମୟରେ ଏପରି ଗଛ କଟା ଯାଇ ଚାଲାଣ ହେଉଥିବା ଅଭିଯୋଗ ରହିଛି।

# କୁସୁମୀ ସେତୁ ଉଭୟ ପାର୍ଶ୍ୱ ରାସ୍ତା ପ୍ରଶସ୍ତୀକରଣ ଦାବି



ସେତୁକୁ ସଂଯୋଗ କରୁଥିବା ରାସ୍ତା ପ୍ରଶସ୍ତ କରିବାକୁ ଦାବି ହେଉଛି।

ଖଣ୍ଡପଡ଼ା,୨।୯(ଅଜୟ କୁମାର ମହାରଣା)

ବିଜୁ ସେତୁ ଯୋଜନାରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଖଣ୍ଡପଡ଼ା ସହରର ଜେଲ ଖାନା ଛକଠାରୁ ନିକଟସ୍ଥ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ନିର୍ମିତ କୁସୁମୀ ସେତୁର କାମ ଦୀର୍ଘ ୨ ବର୍ଷ ହେଲା ସମ୍ପନ୍ନ ହୋଇଛି। ତେବେ ସମ୍ପୃକ୍ତ ସେତୁର ଉଭୟପାର୍ଶ୍ୱ ରାସ୍ତାର ପ୍ରଶସ୍ତିକରଣ କରାଯାଇ ନ ଥିବାରୁ ଯାନବାହନ ଚଳାଚଳରେ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହେଉଛି। ଖଣ୍ଡପଡ଼ାରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର କାଚେରା ସାହି ଛକଠାରୁ ବନମାଳୀପୁର, ପଥୁରିଆ ଗ୍ରାମ ଦେଇ ଗୋଟିଏ ପାର୍ଶ୍ୱ ରାସ୍ତା ସେତୁକୁ ସଂଯୋଗ କରୁଛି। ଅପରପାର୍ଶ୍ୱ ରାସ୍ତାଟି ଖଣ୍ଡପଡ଼ା ସହରରୁ ଜେଲଖାନା ଛକକୁ ସଂଯୋଗ କରିଛି। ଅଣଓସାରିଆ ରାସ୍ତା ଦେଇ ଭାରୀ ଯାନବାହନ ଚଳାଚଳ କରିବାରେ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାର ଓସାର ଏବେ ୧୦ ଫୁଟ ଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ପୁରୁଣା ଆମ୍ବ ଗଛଗୁଡିକ ରହିଛି। ସେତୁର ଉଭୟପାର୍ଶ୍ୱ ରାସ୍ତା ପ୍ରଶସ୍ତିକରଣରେ ପୁରୁଣା ଆମ୍ବଗଛ ସମେତ ଜବରଦଖଲକାରୀମାନେ ବାଧକ ସାଜିଥିବା ଜଣାପଡ଼ିଛି। ବନମାଳୀପୁର ଗ୍ରାମର ବଜାର ଓ ହାଟପଦା ଦେଇ ସେତୁର ଗୋଟିଏ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ଯାଇଥିବା ବେଳେ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ କବ୍‌ଜାରେ ରାସ୍ତା ପାର୍ଶ୍ୱ ରହିଛି। ରାସ୍ତା ପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ହଟାଇ କୁସୁମୀ ସେତୁକୁ ସଂଯୋଗ କରୁଥିବା ଉଭୟପାର୍ଶ୍ୱ ରାସ୍ତା ପ୍ରଶସ୍ତୀକରଣ ଦିଗରେ ପ୍ରଶାସନ, ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରେଫର ଦେଲା ଟେନ୍‌ସନ

- ଚିନ୍ତାରେ ଶ୍ରମିକ, ଖାଇବାକୁ ନାହିଁ ଟଙ୍କା
- ଗୋଡ଼ ଭାଙ୍ଗିଯିବା ପରେ ଅଭିଶପ୍ତ ଜୀବନ

ନୟାଗଡ଼,୨।୯ (ଲୋକନାଥ ମିଶ୍ର)



ଦୁଲା ନାହାକ

ଗୋଡ ଭାଙ୍ଗିଯିବା ପରେ ଅସହାୟ ଜୀବନଯାପନ କରୁଥିବା ନୂଆଗାଁ ବ୍ଲକ ବାହାଡାଖୋଲା ଯୋଡାସାହି ଗାଁର ଦୁଲା ନାହାକ(୪୦)ଙ୍କୁ ଶନିବାର ରେଫର କରିଦେବା ପରେ ଟେନସନ ବଢ଼ିଛି। ଦୁଲାଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଇଛି। ହେଲେ ଖାଇବାକୁ ପାଖରେ ଅର୍ଥ ନ ଥିବା ଦୁଲା କଟକ ଯିବା ବଦଳରେ ଶନିବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ରାତି କଟାଇଛନ୍ତି। ଦୁଲା ଜଣେ ଶ୍ରମିକ। ପରିବାର କହିଲେ କେହି ନାହିଁ। ସେ ମଧ୍ୟ ବିବାହ କରିନାହାନ୍ତି। ଶ୍ରମଦାନ କରି ଯାହା ରୋଜଗାର କରନ୍ତି ସେଥିରେ ଚଳନ୍ତି। ରାଶନ କାର୍ଡ ମଧ୍ୟ ତାଙ୍କର ନାହିଁ। ଏଭଳିସ୍ଥଳେ ତାଙ୍କର ଡାହାଣ ଗୋଡ ଭାଙ୍ଗି ଯାଇଥିଲା। ଏକ ହାଡ଼ ଭଙ୍ଗା ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ ମଧ୍ୟ ରୋଗ ଉପଶମ ହୋଇ ନ ଥିଲା। ଏଣୁ ଅଗଷ୍ଟ ୩୧ରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତେବେ ସର୍ଜରି ବିଭାଗ ପକ୍ଷରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ରେଫର କରାଯାଇଛି। ଏ ନେଇ ଦୁଲା କୁହନ୍ତି, ମୋର କେହି ନାହାନ୍ତି। ନୟାଗଡ଼ରେ ଚିକିତ୍ସିତ ହେଉଥିବାବେଳେ ସ୍ୱେଚ୍ଛାସେବୀ ବିଭୂତି ପଟ୍ଟନାୟକଙ୍କ ସହଯୋଗରେ ଚଳି ଯାଉଥିଲି। କଟକରେ ମୋତେ କିଏ ସହାୟ ହେବ। ମୁଁ କିପରି ରହିବି। ଏଣୁ ଅସୁସ୍ଥ ଥାଇ ବି ମୁଁ କଟକ ଯାଇପାରିଲି ନାହିଁ ବୋଲି କାନ୍ଦି କାନ୍ଦି କହିଛନ୍ତି।

## ଟ୍ରକ୍ ଧକ୍କାରେ ଜଳିଗଲା ବାଇକ୍: ୨ ଗୁରୁତର



ନୟାଗଡ଼,୨।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ଡେଙ୍ଗେରାଗୋଡ଼ିଗାଁ ନିକଟରେ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଟ୍ରକ୍ ଧକ୍କା ପରେ ଏକ ବାଇକ୍ ଜଳି ଯାଇଛି। ବାଇକ୍ ଚାଳକଙ୍କ ସମେତ ୨ ଜଣ ଗୁରୁତର ଆହତ ହୋଇଥିଲେ। ଆହତ ଦ୍ୱୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଭାଗବତ ସପ୍ତାଙ୍ଗ ପାଇଁ କଳସଯାତ୍ରା



ମହିଳାପୁରୁଷମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ଦଶପଲ୍ଲା,୨।୯(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନ୍‌ଏସିର ଜରିପାଟଣାସ୍ଥିତ ଶନିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାରଠାରୁ ଭାଗବତ ସପ୍ତାଙ୍ଗ ଓ ପାରାୟଣ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କୁଆଁରିଆ ନଦୀ ତଟରୁ ଶତାଧିକ ମହିଳାପୁରୁଷ କଳସରେ ଜଳ ଧରି ଏକ ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସେଠାରେ କଳସ ସ୍ଥାପନ ପରେ ହୋମଯଜ୍ଞ ସହ ହନୁମାନ ଚାଳିସା ଏବଂ ଭାଗବତ ମହାତ୍ମ୍ୟ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାରଠାରୁ ୭ ଦିନ ପର୍ଯ୍ୟନ୍ତ ସେଠାରେ ସନ୍ଧ୍ୟା ସମୟରୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି।

# ବର୍ଷାରେ କର୍ଦ୍ଦମାକ୍ତ ହୋଇଛି ରାସ୍ତା, ଯାତାୟାତରେ ସମସ୍ୟା

ଖଣ୍ଡପଡ଼ା,୨।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ–ପାଟଣା ରାସ୍ତା ସମ୍ପ୍ରତି କର୍ଦ୍ଦମାକ୍ତ ହୋଇ ପଡ଼ିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଏପରି କି ବାଇକ୍ ଚଳାଇ ଯାଉଥିବା ବ୍ୟକ୍ତିମାନେ କାଦୁଅରେ ଖସି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ବିଦ୍ୟୁତ୍ ବିଭାଗ ପକ୍ଷରୁ ସମ୍ପ୍ରତି ରାସ୍ତା କଡକୁ ଖୋଳାଯାଇ ମାଟି ତଳେ ୩୩ କେଭି କେବୁଲ ଲାଇନ ବିଛା ଯିବା ପାଇଁ କାର୍ଯ୍ୟ ଚାଲୁ ରହିଛି। ଏକ ଠିକା ସଂସ୍ଥା ଦ୍ୱାରା କଣ୍ଟିଲୋ–ପାଟଣା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କଡରେ ଟ୍ରେଞ୍ଚ ଖୋଳାଯାଉଛି। ଟ୍ରେଞ୍ଚରୁ ଖୋଳା ଯାଉଥିବା ମାଟିକୁ ରାସ୍ତା ପାର୍ଶ୍ୱରେ ଗଦା କରାଯାଇ କାମ ଚାଲିଛି। ତେବେ ଶୁକ୍ରବାର ରାତିରୁ ବର୍ଷା ଲାଗି ରହିଥିବାରୁ ଗଦା ହୋଇଥିବା ମାଟି କାଦୁଅ ହୋଇ ଉକ୍ତ ପିଚୁ ଓ ସିମେଣ୍ଟ ରାସ୍ତା ଉପରେ ବିଛେଇ ହୋଇ ଯାଇଥିବାରୁ ଯାନବାହାନ ଚଳାଚଳ ଓ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି। ଚାଲି କରି ଯିବାରେ ବିଶେଷ ଅସୁବିଧା ହେଉଛି। ଶତାଧିକ ଛାତ୍ରୀଛାତ୍ର ଶନିବାର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ସାଇକେଲ ଓ ଚାଲି କରି ଯାଉଥିବା ବେଳେ ଏହି କର୍ଦ୍ଦମାକ୍ତ ରାସ୍ତା ସେମାନଙ୍କ ପାଇଁ ବିପଦର କାରଣ ପାଲଟିଛି। ତୁରନ୍ତ ରାସ୍ତା ଉପରେ ଜମା ହୋଇ ରହି ସମସ୍ୟା ସୃଷ୍ଟି କରୁଥିବା କାଦୁଆ ମାଟିକୁ ସଫା କରିବାକୁ ସାଧାରଣରେ ଦାବି ହେଉଛି।



କଣ୍ଟିଲୋ– ପାଟଣା ରାସ୍ତା କାଦୁଅ ହୋଇଯାଇଛି।

